## ଜଗନ୍ନାଥ ମନ୍ଦିରରେ ପହିଲି ଭୋଗ

**ଶେରଗଡ଼,୮ ।୧(ସମିସ):** ଧନୁ ସଂକ୍ରାନ୍ତି ତିଥିରୁ ପହିଲି ଭୋଗ ନୀତି ଆରମ୍ଭ ହୋଇଥାଏ। ଏହି ପହିଲି ଭୋଗ ଆସନ୍ତା ମକର ସଙ୍କରାନ୍ତି ପର୍ଯ୍ୟନ୍ତ ଜାରି ରହିବ। ଅଲାରିଗଡର ଗ୍ରାମବାସୀଙ୍କ ପକ୍ଷରୁ ପହିଲି ଭୋଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପହିଲି ଭୋଗରେ ଶେରଗଡ ବ୍ଲକର ସମସ୍ତ ଜଣାଶୁଣା ବ୍ୟକ୍ତି, ସରକାରୀ କର୍ମଚାରୀ ଏବଂ ଗ୍ରାମବାସୀ ଯୋଗଦେଇ ପହିଲି ଭୋଗର ଆନନ୍ଦ ନେଇଥିଲେ। ଏହି ପହିଲି ଭୋଗ କାର୍ଯ୍ୟକ୍ରମକୁ ଅଲାରିଗଡ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଆଇନଜୀବୀଙ୍କୁ ଋଣ କରାଇଦେବା ନାଁରେ ଠକେଇ

**ବ୍ରହ୍ମପୁର,୮ ।୧(ସମିସ):** ସବସିଡି ଋଣ କରାଇଦେବା ଆଳରେ ଜଣେ ଆଇନଜୀବୀଙ୍କ ଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ବିଜିପୁର ତୋଟାସାହି ସ୍ଥିତ ବିବେକାନନ୍ଦ ଆପାର୍ଟମେଣ୍ଟରେ ରହୁଥିବା ପ୍ରଣବ କୁମାର ପାଣିଗ୍ରାହୀ(୩୫)। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ପ୍ରଣବ ଓ ତାଙ୍କ ସାନଭାଇ ମଳୟ ଋଣ କରାଇଦେବା ପାଇଁ ଟାଉନ ଥାନା ଇଲାକାରେ ଏକ ଘରୋଇ କାର୍ଯ୍ୟାଳୟ ଖୋଲିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ରହୁଥିବା ଆଇନଜୀବୀ ନାରାୟଣ ପାଣିଗ୍ରାହୀ ଗତବର୍ଷ ଏପ୍ରିଲ ମାସରେ ଉପରୋକ୍ତ ଅଭିଯୁକ୍ତଙ୍କ ସହ ଯୋଗାଯୋଗ କରିଥିଲେ। ପ୍ରଣବ ଓ ତାଙ୍କଭାଇ ମଳୟ ଆଇନଜୀବୀ ନାରାୟଣଙ୍କ ପତ୍ନୀଙ୍କ ନାଁରେ ବ୍ୟାଙ୍କରୁ ୮ଲକ୍ଷ ଟଙ୍କାର ସବସିଡି ଋଣ କରାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଋଣ କରାଇଦେବା ପାଇଁ ଅଭିଯୁକ୍ତ ପ୍ରଣବ ଓ ମଳୟ ୭୩ହଜାର ଟଙ୍କା ନେଇଥିଲେ। ତେବେ ଦିର୍ଘ ଦିନ ପରେ ମଧ୍ୟ ଆଇନଜୀବୀ ନାରାୟଣଙ୍କ ପତ୍ନୀଙ୍କ ନାମରେ ଋଣ ମଞ୍ଜୁର ହୋଇନଥିଲା। ଏ ନେଇ ନାରାୟଣ ବାରମ୍ବାର ପଚାରିବା ସହ ଋଣ ନହେବାରୁ ତାଙ୍କ ଟଙ୍କା ଫେରାଇଦେବାକୁ କହିଥିଲେ। କିନ୍ତୁ ଅଭିଯୁକ୍ତ ପ୍ରଣବ ତାଙ୍କୁ ଓଲଟା ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଘଟଣାକୁ ନେଇ ଆଇନଜୀବୀ ନାରାୟଣ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ବୁଧବାର ଅଭିଯୁକ୍ତ ପ୍ରଣବଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

## ଭଡ଼ା ଘରୁ ମୃତଦେହ ଉଦ୍ଧାର

**ଛତ୍ରପୁର,୮ ।୧(ସମିସ):** ଛତ୍ରପୁର ଥାନା ପଟ୍ଟନାୟକ କଲୋନୀରେ ଏକ ଭଡା ଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ହେଲେ ଜଗତସିଂହପୁର ଜିଲ୍ଲା ମୁଣ୍ଡିଲ ଅଞ୍ଚଳର ଅକ୍ଷୟ ପଲେଇ (୫୪)। ସେ ଗୋପାଳପୁର ପୋର୍ଟ ଏମଏସକେ ମିତ୍ରା ପ୍ରାଇଭେଟ ଲିଃ କାର୍ଯ୍ୟରତ। ମଙ୍ଗଳବାର ସେ କାମ ସାରି ଘରକୁ ଆସି ଶୋଇଥିଲେ। ଖଟରୁ ତଳେ ପଡି ଯାଇଥିଲେ ଆଉ ଉଠି ନଥିଲେ ଉକ୍ତ ଘରେ ରହୁଥିବା ଅନ୍ୟ ମାନେ ତାଙ୍କୁ ଡାକିଥିଲେ। କିନ୍ତୁ ସେ ଶୁଣିନଥିଲେ। ତୁରନ୍ତ ତାଙ୍କୁ ଛତ୍ରପୁର ମେଡିକାଲ ଆଣିଥିଲେ ବି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛତ୍ରପୁର ପୁଲିସ ଖବର ପାଇଁ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଉକ୍ତ ଭଡା ଘରେ ୪ରୁ ୫ଜଣ ରହୁଥିଲେ ସେମାନଙ୍କୁ ପୁଲିସ ପଚରା ଉଚରା କରିଥିଲା। ପରେ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

### ତହସିଲଦାରଙ୍କ ନଜର ଆଢୁଆଳରେ ଜବରଦଖଲ ସମସ୍ୟା

# ମିଳୁନି ରାସ୍ତାଘାଟ; ଦହଗଞ୍ଜ ସାହିବାସିନ୍ଦା

ବ୍ରହ୍ମପୁର,୮ ।୧(ସମିସ)

ଜବରଦଖଲକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବନି। ସରକାରୀ ଜମିକୁ ଚିହ୍ନଟ କରାଯାଇ ତାହାର ସୁରକ୍ଷା କରାଯିବ। ଆବଶ୍ୟକ ସ୍ଥଳେ ତାହାର ଉନ୍ନତିକରଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ତେବେ ଏହାକୁ କଡାକଡି କାର୍ଯ୍ୟକାରୀ କରିବା ପରିବର୍ତ୍ତେ ସବୁ ଜାଣି ନଜାଣିବା ଭଳି ଚୁପ୍ ବସିଛି ପ୍ରଶାସନ।

- ହିତାଧିକାରୀଙ୍କୁ ଯେତିକି ସରକାରୀ ଜମି ଯୋଗାଇ ଦିଆଯାଇଛି ଜବରଦଖଲ କରିଛନ୍ତି ଆଉ ସେତିକି
- ଜବରଦଖଲ ଅଭିଯୋଗ ଆସିଛି, ଚିହ୍ନଟ ପରେ ଉଚ୍ଛେଦ ହେବ: ସରପଞ୍ଚ

ଲୋକଙ୍କ ଦାବି ଓ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଫଳରେ ଜବରଦଖଲକାରୀଙ୍କ ଯୋଗୁଁ ଦହଗଞ୍ଜ ହେଉଛନ୍ତି ଅଞ୍ଚଳବାସୀ ତଥା ପ୍ରକୃତ





ଜମିମାଲିକ। ଏଭଳି ଅଭିଯୋଗ ଆସିଛି ଗଞ୍ଜାମ ଜିଲ୍ଲା କନିଷି ତହସିଲ ଅନ୍ତର୍ଗତ ଭାବିନିପୁର ପଞ୍ଚାୟତରୁ। ଭାବିନିପୁର ପଞ୍ଚାୟତର ଭାବିନିପୁର ଗ୍ରାମର ତ୍ରିନାଥ ମନ୍ଦିର ସାହି ଓ ପିଲାଖାଇ ସାହି ମଧ୍ୟରେ ଥିବା ରାସ୍ତା ଜବରଦଖଲ ଯୋଗୁଁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଫଳରେ ତ୍ରିନାଥ ମନ୍ଦିର ସାହି ଲୋକଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛିସୂଚନା ଯୋଗ୍ୟ ଯେ' ଦିର୍ଘବର୍ଷ ପୂର୍ବେ ଭାବିନିପୁର ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ଭୂମିହୀନ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ସହ ପଟ୍ଟା ପ୍ରଦାନ କରାଯାଇଥିଲା। ସେଠାରେ ସେମାନେ ଗୃହ ନିର୍ମାଣ କରି ବସବାସ କରୁଛନ୍ତି। ତେବେ ପରେ ସେମାନଙ୍କ ଘର ପଛପଟେ ଥିବା କିଛି ବ୍ୟକ୍ତିଙ୍କ ନିଜସ୍ୱ ପଟ୍ଟାଜମିରେ ଗୃହନିର୍ମାଣ ପରେ ଉଭୟ ସାହି ମଝିରେ ଥିବା ରାସ୍ତାକୁ କିଛି ଲୋକ ଅକ୍ତିଆର କରି ଗୃହ ନିର୍ମାଣ କରି ଅଥବା ନିଜ ଦଖଲରେ ରଖିଥିବା ଅଭିଯୋଗ ହୋଇଛି। ଫଳରେ ତ୍ରିନାଥ ମନ୍ଦିର ସାହିର ଲୋକଙ୍କ ଯାତାୟତ ପାଇଁ ରାସ୍ତାର ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ସାହି ଲୋକେ ସ୍ଥାନୀୟ ସରପଞ୍ଚ, କନିଷି ତହସିଲଦାର, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ, ନିମଖଣ୍ଡି ଥାନାଧିକାରୀ ଓ ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ବାରମ୍ବାର ଅଭିଯୋଗ ଓ ଦାବି ପରେ ବି କୌଣସି ସୁଫଳ ମିଳୁନଥିବାରୁ ତ୍ରିନାଥ ମନ୍ଦିର ସାହି ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏନେଇ ଭାବିନିପୁର ସରପଞ୍ଚ ଇଂ. ରଂଜିତ କୁମାର ସାହୁଙ୍କୁ ପଚାରିବାରେ ସେ ଘଟଣା ସମ୍ପର୍କରେ ଅବଗତ ଥିବା କହିଛନ୍ତି। ଏଥିପାଇଁ ରାଜସ୍ୱ ବିଭାଗ ବା ତହସିଲଦାରଙ୍କ ହସ୍ତକ୍ଷେପ ଜରୁରୀ ଥିବା ବେଳେ ଆରଆଇ ଘଟଣାସ୍ଥଳକୁ ଆସି ସରକାରୀ ଜମି ଓ ଜବରଦଖଲ ଅଞ୍ଚଳ ଚିହ୍ନଟ କରିବା ପରେ ଅଭିଯୋଗର ସତ୍ୟତା ସ୍ପଷ୍ଟ ହେବଏବଂ ଯଦି ସରକାରୀ ଜମି କାହାରି ଦଖଲରେ ଥିବ ତେବେ ତାହାକୁ ରାଜସ୍ୱ ବିଭାଗ ସହାୟତାରେ ଉଚ୍ଛେଦ କରାଯାଇ ସମ୍ପୃକ୍ତ ଅଞ୍ଚଳରେ ରାସ୍ତା ନିର୍ମାଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ସରପଞ୍ଚ ଇଂ. ରଂଜିତ ସାହୁ।

## ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦିନିକିଆ ଗଞ୍ଜାମ ଗସ୍ତ ଆଜି

**ବ୍ରହ୍ମପୁର,୮ ।୧(ସମିସ):** ବୁଧବାର ଗଞ୍ଜାମ ଗସ୍ତରେ ଆସୁଛନ୍ତି ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ସରଣ ସିଂହ। ୯ତାରିଖରେ ଶ୍ରୀ ସିଂହଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଗସ୍ତକାଳରେ ସେ ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟ ପରିଦର୍ଶନ କରିବା ସହ ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା, ବିଚାରପତି ଓ ବିଚାର ବିଭାଗୀୟ ଅଧିକାରୀଙ୍କ ସହ ଏକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ଗୋଟାଏରେ ସେ କଟକ ହାଇକୋର୍ଟରୁ ବାହାରି ଆସିବା ବାଟରେ କିଛି ସମୟ ନାରୁଣି ପୂର୍ତ୍ତବିଭାଗ ଡାକବଙ୍ଗଳାରେ ବିଶ୍ରାମ ନେବେ। ପରେ ବାଣପୁର ସ୍ଥିତ ମା' ଭଗବତୀଙ୍କ ମନ୍ଦିର ଦର୍ଶନ କରି ସେଠାରୁ ବ୍ରହ୍ମପୁର ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ପହଞ୍ଚିବେ। ଅପରାହ୍ନ ୪ଟା ୪୫ରେ ସେ ସର୍କିଟ୍ ହାଉସ୍‌ରୁ ବାହାରି ପୁରୁଷୋତ୍ତମପୁର ସ୍ଥିତ ତାରାତାରିଣୀ ମନ୍ଦିରକୁ ଦର୍ଶନ ପାଇଁ ଯିବେ। ସେଠାରୁ ସନ୍ଧ୍ୟାରେ କଟକ ଫେରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ବିଚାରପତିଙ୍କ ସୁରକ୍ଷା ପାଇଁ ବ୍ରହ୍ମପୁର ଓ ଗଞ୍ଜାମ ଏସ୍‌ପିଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଅନ୍ୟପକ୍ଷରେ ଏହି ଅବସରରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ମାନ୍ୟବର ମୁଖ୍ୟ ବିଚାରପତିଙ୍କ ନିକଟରେ କିଛି ପ୍ରସ୍ତାବ ରଖିବେ ବୋଲି ସୂଚନା ମିଳିଛି।

# 'ପେଟୁ' ଓ 'ସରୋଜ'ର ଅପରାଧିକ କୁଣ୍ଡଳୀ ସଂଗ୍ରହ କରୁଛି ପୁଲିସ

**ବ୍ରହ୍ମପୁର,୮ ।୧(ସମିସ):** ଚୋରି, ଡକାୟତି ଓ ହତ୍ୟା ଉଦ୍ୟମ ଭଳି ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ପେଷାଦାର ଅପରାଧି 'ପେଟୁ' ଓ 'ସରୋଜ'ର ଅପରାଧିକ କୁଣ୍ଡଳୀ ସଂଗ୍ରହ କରୁଛି ପୁଲିସ। ଲାଞ୍ଜିପଲ୍ଲି କୃଷ୍ଣନଗରର ଏନ. ପ୍ରସାଦ ପାତ୍ର ଓରଫ 'ପେଟୁ' ଓ ରାମନଗର ନିବାସୀ ଡି. ସରୋଜ ପାତ୍ର ଓରଫ 'ଗୋପାଳ କେଉଁ ମାମଲାରେ କେତେଥର ଗିରଫ ହୋଇ ଜେଲ ଯାଇଛନ୍ତି ଓ କେଉଁ ମାମଲାରେ କେବେ ଜାମୀନରେ ମୁକୁଳିଛନ୍ତି। ଏବଂ କେତେଦିନ ବ୍ୟବଧାନରେ ପୁଣି ଚୋରି, ଡକାୟତି ଭଳି ମାମଲାରେ ଗିରଫ ହୋଇ ଜେଲ ଯାଇଛନ୍ତି ସେ ସବୁର ତଥ୍ୟ ସଂଗ୍ରହ କରୁଛି ପୁଲିସ। ଗତ ଜୁଲାଇ ୨୪ତାରିଖରେ ବଡ ମେଡିକାଲରୁ କଳାସୁତା ଗ୍ରାମର ଶ୍ରୀକାନ୍ତ ଗୌଡ଼ଙ୍କ ମୋବାଇଲ ଚୋରି କରିଥିବା ଅଭିଯୋଗରେ ପୁଲିସ 'ପେଟୁ' ଓ ବିକାଶ ଦାସକୁ ଗିରଫ କରି କୋର୍ଟଚାଲାଣ କରିଥିଲା।

ସେହିପରି ଜୁନ ୨୯ତାରିଖ ରାତିରେ ସ୍ଥାନୀୟ ଏମକେସିଜି ମେଡିକାଲ ଖେଳପଡିଆରେ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ପୁଲିସ ଅଭିଯୁକ୍ତ 'ପେଟୁ' ସମେତ ଲାଞ୍ଜିପଲ୍ଲୀ ଢିପ ସାହିର ସମୀର ବିଷୋୟୀ ଓରଫ ବାବୁ, ରାମନଗରର ଡି. ସରୋଜ ପାତ୍ର ଓରଫ ଗୋପାଳ ଓ ଗଜପତିନଗର ୫ମ ଲାଇନର ଭବାନୀଶଙ୍କର ମହାରଣାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ବେଳେ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଗୋଟିଏ କାତି, ଦୁଇଟି ଲୁହାରଡ, ୬ଟି ମୋବାଇଲ ଓ ଦୁଇଟି ବାଇକ ଜବତ କରିଥିଲା। ପେଟୁ

- ଦିନକୁ ଦିନ ବୃଦ୍ଧି ପାଉଛି ଚୋରି ମାମଲା
- ପୁରୁଣା ଗ୍ୟାଙ୍ଗ୍ ଉପରେ ପୁଲିସ ନଜର

ନାମରେ ଏକାଧିକ ଚୋରି, ଡକାୟତି ମାମଲା ରହିଥିବା ବେଳେ ସମ୍ପ୍ରତି ସହରରେ ଚୋରି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ପୁଲିସ ହାତଗଣତି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୯୦ପ୍ରତିଶତ ମାମଲାରେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଚୋରି ହୋଇଥିବା ଘଟଣା ସ୍ଥଳ ଓ ଆଖପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି। କିଛି ସ୍ଥାନରୁ ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ଉଦ୍ୟମ ଜାରି ରଖିଛି ପୁଲିସ। ପେଟୁ ଏକ ପେଷାଦାର ଚୋର ହୋଇଥିବାରୁ ବର୍ତ୍ତମାନ ହୋଇଥିବା ବିଭିନ୍ନ ଚୋରି ଘଟଣାରେ ଉକ୍ତ ଗ୍ୟାଙ୍ଗର ସମ୍ପୃକ୍ତି ଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ବର୍ତ୍ତମାନ ସୁଦ୍ଧା ତାହା ସ୍ପଷ୍ଟ ହୋଇନଥିଲେ ହେଁ ଉକ୍ତ ଗ୍ୟାଙ୍ଗର କିଛି ସଦସ୍ୟ ଫେରାର ରହିଥିବା ସୂଚନା ରହିଛି।

ଅନ୍ୟପକ୍ଷରେ ସହରରେ ବର୍ତ୍ତମାନ ଚୋରି ମାମଲା ବୃଦ୍ଧି ଯୋଗୁଁ ପୁରୁଣା ଚୋର ଗ୍ୟାଙ୍ଗ ଉପରେ ନଜର ରଖିଛି ପୁଲିସ। ତେବେ ପୁଲିସ ବର୍ତ୍ତମାନ 'ପେଟୁ' ଓ 'ସୋରଜ'ର ଅପରାଧିକ କୁଣ୍ଡଳୀ ସଂଗ୍ରହ କରୁଥିବା ଜଣାପଡିବା ପରେ ଅନ୍ୟ ଅପରାଧୀ ବା ଚୋର ଗ୍ୟାଙ୍ଗଙ୍କ ମନରେ ଛନକା ପଶିଥିବା ସୂଚନା ମିଳିଛି। ତେବେ ପୁଲିସ ଏବେ ଚୋରି ମାମଲାକୁ ନେଇ ଚିନ୍ତାରେ ରହିଥିବା ବେଳେ ଆଗାମୀଦିନରେ ପୁଲିସକୁ ସଫଳତା ମିଳୁଛି ନା ଏଭଳି ଚୋରି ମାମଲା ବୃଦ୍ଧି ପାଇବ ତାହା ହିଁ ଦେଖିବାକୁ ବାକି ରହିଲା।

## ସ୍ପଷ୍ଟ ଦିବାଲୋକରେ ମହିଳାଙ୍କ ସୁନାଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

**ପାରଳାଖେମୁଣ୍ଡି,୮ ।୧(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଚୋରି ଘଟଣା ଓ ଲୁଟେରାଙ୍କ ଆତଙ୍କ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି କ୍ରମରେ ସ୍ପଷ୍ଟ ଦିବାଲୋକରେ ଜଣେ ମହିଳାଙ୍କ ବେକରୁ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସୁନାଚେନ୍ ଝାମ୍ପି ନେଇଛନ୍ତି। ଘଟଣା ଘଟିଛି ପାରଳାଖେମୁଣ୍ଡି ପୌରପରିଷଦର ଅଙ୍କସାହିରେ। ରାଣୀ ପଦ୍ମାବତୀ ସାହିର ସଂଗୀତା କୁମାରୀ ପାତ୍ର ନାମ୍ନୀ ଜଣେ ମହିଳା ନିଜ ଛୁଆକୁ ବିଦ୍ୟାଳୟକୁ ସକାଳ ୧୦ ଘଣ୍ଟା ସମୟରେ ଛାଡିବାକୁ ଯାଇଥିଲେ। ସେ ଫେରିବା ସମୟରେ ଦୁଇ ଜଣ ଅଜଣା ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ସଂଗୀତାଙ୍କ ବେକରୁ ଚେନ ବେକରୁ ଟାଣି ନେଇ ଦ୍ରୁତଗତିରେ ବାଇକ ଯୋଗେ ଫେରାର ହୋଇଯାଇଥିଲେ। ସଂଗୀତାଙ୍କ କହିବା ମୁତାବକ ଜଣେ ହେଲମେଟ୍ ପିନ୍ଧିଥିବା ବେଳେ ଅନ୍ୟ ଜଣେ ମୁହଁରେ ଗାମୁଛା ଘୋଡାଇ ବସିଥିଲେ। ଏନେଇ ସେ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପାରଳାଖେମୁଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାର ତଦନ୍ତ ଏସ୍‌ଆଇ ଲକ୍ଷ୍ମଣ ବେସରା କରୁଥିବାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି।

### ଘର ସହ ଗୁହାଳ ଜଳିଗଲା

## ୩ ଗାଈ ଜୀବନ୍ତ ଦଗ୍ଧ

**ଦିଗପହଣ୍ଡି,୮ ।୧(ସମିସ):** ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଗୌଡ଼ଗାଁ ନୂଆସାହିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ମିଟୁ ସାହୁଙ୍କ ଘର ପୋଡି ଯାଇଥିବା ବେଳେ ଗ୍ରାମର ସନ୍ତୋଷ ସାହୁ, ସଦାନନ୍ଦ ସାହୁ ଓ କାଳୁ ସାହୁଙ୍କ ଗାଈ ଗୁହାଳ ମଧ୍ୟ ଜଳି ପୋଡି ପାଉଁଶ ହୋଇଯାଇଛି। ମଙ୍ଗଳବାର ରାତି ପ୍ରାୟ ୧୨ ଟାରେ ଘଟିଥିବା ଅଗ୍ନିକାଣ୍ଡର ପ୍ରକୋପରେ ୩ଟି ଗାଈ ଜୀବନ୍ତ ଦଗ୍ଧ ହୋଇଛନ୍ତି।

ଅନ୍ୟ ୨ଟି ଗାଈ ପୋଡ଼ିଯାଇ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପ୍ରଥମେ ସନ୍ତୋଷଙ୍କ ଗୁହାଳରେ ନିଆଁ ଲାଗିଥିଲା ପରେ କାଳୁ ଓ ସଦାନନ୍ଦଙ୍କ ଗୁହାଳକୁ ନିଆଁ ବ୍ୟାପି ଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ନିଆଁର ପ୍ରକୋପକୁ ଆୟତ୍ତ କରିପାରିନଥିଲେ। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ କାଳୁଙ୍କ ଗୋଟିଏ ଗାଈ ଗୁରୁତର ହୋଇଥିଲେ ମଧ୍ୟ ସଦାନନ୍ଦଙ୍କ ୨ଟି ଗାଈ ଆଂଶିକ ଆହତ ହୋଇଛନ୍ତି। ବୁଧବାର ସକାଳୁ ଭ୍ରମରପୁର ରାଜସ୍ୱ ନୀରିକ୍ଷକ ସୁନୀଲ କୁମାର ବେହେରା ଟିମ୍ ସହ ଗ୍ରାମରେ ପହଞ୍ଚି କ୍ଷୟକ୍ଷତିର ଅନୁସନ୍ଧାନ କରି ଦିଗପହଣ୍ଡି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ସେହିପରି ପ୍ରାଣୀ ଚିକିତ୍ସାଧିକାରୀ ପହଞ୍ଚି ଗୁରୁତର ଗାଈଙ୍କ ଚିକିତ୍ସା କରି ଫେରିଥିବା ଜଣାପଡିଛି। ଗ୍ରାମବାସୀ ବିପନ୍ନ ପରିବାରଙ୍କୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।




### ନାବାଳିକାଙ୍କ ସହ ଅପ୍ରାକୃତିକ ଯୌନସମ୍ପର୍କ

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ବ୍ରହ୍ମପୁର,୮ ।୧(ସମିସ):** ଜଣେ ନାବାଳିକାଙ୍କ ସହ ଅପ୍ରାକୃତିକ ଯୌନସମ୍ପର୍କ ରଖିବା ତଥା ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି ବ୍ରହ୍ମପୁର ସ୍ୱତନ୍ତ୍ର ପକସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ସୋରଡା ଥାନା ଅଞ୍ଚଳର ପ୍ରସନ୍ନ ନାୟକ ଓରଫ ପିଣ୍ଟୁ(୨୫)। ଉକ୍ତ ଦଣ୍ଡ ସହ ଅଭିଯୁକ୍ତକୁ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ସଶ୍ରମ କାରଦଣ୍ଡ ଭୋଗିବାକୁ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତା ନାବାଳିକାଙ୍କୁ ୧୦ଲକ୍ଷ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ କୋର୍ଟ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିବା ବେଳେ ଅଭିଯୁକ୍ତ ଠାରୁ ଆଦାୟ ଜୋରିମାନା ଅର୍ଥ ମଧ୍ୟ ପିଡିତାଙ୍କୁ ପ୍ରଦାନ କରାଯିବ ବୋଲି କୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୨ମସିହା ଜାନୁଆରୀ ୧୩ତାରିଖ ସନ୍ଧ୍ୟାରେ ଏହି ୧୦ବର୍ଷୀୟ ନାବାଳିକା ଜଣକ ନିଜ ଗାଁର ଏକ ଦୋକାନକୁ ସଉଦା ଆଣିବାକୁ ଯାଇଥିଲେ। ନାବାଳିକାଙ୍କ ବାପା ନ ଥିବାବେଳେ ତାଙ୍କ ମାଆ ଜଣେ ଦୃଷ୍ଟିବାଧିତ ମହିଳା। ତେବେ ନାବାଳିକା ଜଣକ ସଉଦା ନେଇ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ପିଣ୍ଟୁ ତାଙ୍କୁ ଗାଁର ଏକ ସ୍କୁଲ ନିକଟକୁ ଉଠାଇ ନେଇ ସେଠାରେ ବଳପୂର୍ବକ ଅପ୍ରାକୃତିକ ଯୌନସମ୍ପର୍କ ରଖି ଦୁଷ୍କର୍ମ କରିଥିଲେ। ନାବାଳିକାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ।

ମାମଲାର ତଦନ୍ତ କରୁଥିବା ତତ୍କାଳୀନ ଥାନା ଅଧିକାରୀ ରମେଶ ପ୍ରଧାନ ଚାର୍ଜସିଟ ଦାଖଲ କରିଥିଲେ। ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି କୋର୍ଟ ବୁଧବାର ଉପରୋକ୍ତ ରାୟ ଶୁଣାଇଥିଲେ। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ପିଣ୍ଟୁକୁ କୋର୍ଟରେ ହାଜର କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

## ଜାତୀୟ ବିଚ୍ ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରର ଜିତେଶ



**ବ୍ରହ୍ମପୁର,୮ ।୧(ସମିସ):** ଆସାମର ଗୌୱାଟିରେ ହେବାକୁ ଥିବା ଜାତୀୟ ବିଚ୍ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡିଶା ବିଚ୍ ହ୍ୟାଣ୍ଡବଲ ଦଳ ଆସାମ ଯାତ୍ରା କରିଛି। ଏହି ପ୍ରତିଯୋଗିତା ଆସନ୍ତା ୧୦ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡିଶା ରାଜ୍ୟ ଦଳରେ ବ୍ରହ୍ମପୁର ସହରର ଜିତେଶ ମହାନ୍ତି ଆସାମ ଯାତ୍ରା କରିଛନ୍ତି। ଜିତେଶ ପୂର୍ବରୁ ବହୁ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିସାରିଛନ୍ତି। ସେ ନିୟମିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଏନଆଇଏସ୍ କୋଚ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ତାଲିମ ନେଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା ହ୍ୟାଣ୍ଡବଲ ଦଳର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଲ, ଜିଲ୍ଲା ହ୍ୟାଣ୍ଡବଲ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, ସାଂଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, କୋଷାଧକ୍ଷ ଡାକ୍ତର ମନୋଜ କୁମାର ପାତ୍ରଙ୍କ ସହ ଅନ୍ୟ ସମସ୍ତ କର୍ମକର୍ତ୍ତା ଏବଂ ଜିଲ୍ଲାର ସମସ୍ତ ଖେଳାଳି ଶୁଭେଚ୍ଛା ଜଣାଇଛନ୍ତି।

### ଜରିପାଲ ତଳେ ବିତୁଛି ଜୀବନ

# ସରକାରୀ ସହାୟତା ଅପେକ୍ଷାରେ ପରିବାର

ଜଗନ୍ନାଥପ୍ରସାଦ,୮ ।୧(ସମିସ)

ରାଜ୍ୟ ଓ କେନ୍ଦ୍ର ସରକାର ଗରିବ, ଭିନ୍ନକ୍ଷମ ଓ ଅସହାୟଙ୍କ ଲାଗି ମାଳମାଳ ଯୋଜନା କରିଛନ୍ତି। ହେଲେ ପ୍ରଶାସନିକ ଅପାରଗତା ଓ ରାଜନୈତିକ ଅବହେଳା ଯୋଗୁଁ ପ୍ରକୃତ ହିତାଧିକାରୀ ଏହାର ସୁଫଳ ପାଇପାରୁନାହାନ୍ତି। ଜଗନ୍ନାପ୍ରସାଦ ବ୍ଲକ ଉପକଣ୍ଠ କୁହାଯାଉଥିବା ବଡଦାଣ୍ଡ ନିକଟରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ଜଗନ୍ନାଥ ପ୍ରସାଦ ବଡଦାଣ୍ଡ ସ୍ଥିତ ଅଙ୍ଗନବାଡି କେନ୍ଦ୍ର (କ) ବାରିପଟେ ଦିଲ୍ଲୀପ ଡାକୁଆ (୫୨)ଙ୍କ ଘର। ପରିବାର କହିଲେ ସ୍ତ୍ରୀ ଧନକ୍ଷେତ୍ରୀ ଡାକୁଆ(୪୫) ଏବଂ ବଡପୁଅ ପିଣ୍ଟୁ ଡାକୁଆ (୨୮) ଓ ସାନପୁଅ ପ୍ରକାଶ ଡାକୁଆ (୨୪) ଜଣେ ଭିନ୍ନକ୍ଷମ। ଧନକ୍ଷେତ୍ରୀ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ସ୍ୱାମୀ ଦିଲ୍ଲୀପ ଟେଲରିଂ କାମ କରନ୍ତି। ବଡପୁଅ ବାଲିଗୁଡା ଠାରେ ଏକ ସେଲୁନରେ କାମ କରନ୍ତି। ସାନପୁଅ ଭିନ୍ନକ୍ଷମ ହୋଇଥିବାରୁ ସେ ବାପା ମାଆଙ୍କ ପାଖରେ ରହେ। ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଦିଲୀପ ଆବେଦନ କରିବା ସହ ବ୍ଲକ ଓ ପଞ୍ଚାୟତ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ସରକାରୀ ନାଲିଫିତା ତଳେ ତାଙ୍କ ଦାବି ଲୁଚି ରହିଯାଇଛି। ପୂର୍ବରୁ ଦିଲ୍ଲୀପଙ୍କ ଟେଲରିଂ କାମ ଓ ଧନକ୍ଷେତ୍ରୀଙ୍କ ଦିନ



ମଜୁରୀର ପାରିଶ୍ରମିକରେ ପରିବାର ଯେନତେନ ପ୍ରକାରେ ଚଳି ଯାଉଥିଲା। ହେଲେ ଧନକ୍ଷେତ୍ରୀ ବାଇକ ଦୁର୍ଘଟଣାର ଶିକାର ହୋଇଥିବାରୁ ପରିବାର ଆଜି ସର୍ବସ୍ୱାନ୍ତ ହୋଇପଡିଛି। ରହିବା ପାଇଁ ଭଲ ଘର ନଥିବାରୁ ଜରିପାଲ ଘୋଡ଼ାଇ ରହୁଛନ୍ତି। ଧନକ୍ଷେତ୍ରୀ ପ୍ରଥମେ ବାଇକ ଦୁର୍ଘଟଣାର ଶିକାର ହୋଇଥିଲେ। ଏବେ ପକ୍ଷାଘାତର ଶିକାର ହୋଇ ଶର୍ଯ୍ୟାଶାୟୀ ହୋଇଛନ୍ତି। ଏଭଳି ସ୍ଥିତିରେ ସ୍ୱାମୀ ଦିଲୀପ ଦିନ ରାତି ସ୍ତ୍ରୀଙ୍କ ସେବାରେ ଲାଗି ପଡିଛନ୍ତି। ଗୋଟିଏ ପଟେ ସ୍ତ୍ରୀ ଓ ଅନ୍ୟପଟେ ଭିନ୍ନକ୍ଷମ ପୁଅର ସେବା ଲାଗି ବ୍ୟସ୍ତବ୍ୟସ୍ତ ହେଉଛନ୍ତି ଦିଲୀପ। କେବଳ ବଡ଼ ପୁଅର ସ୍ୱଳ୍ପ ରୋଜଗାରରେ ଏବେ ଘର ଚଳୁଛି। ତେଣୁ ଅସହାୟ ପରିବାରକୁ ସରକାରୀ ସ୍ତରରେ ସହାୟତା ପ୍ରଦାନ ଓ ପକ୍କାଗୃହ ଖଣ୍ଡିଏ ଯୋଗାଇ ଦେବା ପାଇଁ ଦିଲ୍ଲୀପ ଗୁହାରି କରିଛନ୍ତି। ଅସହାୟ ପରିବାରଙ୍କ ଦୟନିୟ ଖବର ଶୁଣି ସହାୟତାର ହାତ ବଢ଼ାଇଛି ସ୍ଥାନୀୟ ଗୋପବନ୍ଧୁ ଚାରିଟେବୁଲ ଟ୍ରଷ୍ଟ। ଏହି ଟ୍ରଷ୍ଟର ସଭ୍ୟମାନେ କିଛି ରାସନ ସାମଗ୍ରୀ, ଡାଲି, ଚାଉଳ, ଲୁଗା, ମଶାରୀ ଏବଂ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ଟ୍ରଷ୍ଟର ସଭ୍ୟ ସନ୍ତୋଷ ଦଳବେହେରା, ମହେଶ୍ୱର ସାହୁ, ପି.କ୍ରିଷ୍ଣା ରାଓ, ସୁଶାନ୍ତ କୁମାର ବେହେରା, କୃତିବାସ ସେନାପତି, ଦୁର୍ଗା ମାଧବ ପ୍ରଧାନ, ଟୁନା ବେହେରା, ତାରିଣୀ ସେଠି, କୁନା ବେହେରା ପ୍ରମୁଖ ଉପସ୍ଥିତ ରହି ପରିବାରକୁ ସହଯୋଗ କରିଛନ୍ତି। ତେବେ ଏଭଳି ଏକ ଅସହାୟ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅସହାୟ ମହିଳାଙ୍କ ମୃତ୍ୟୁ

**ସୋରଡ଼ା,୮ ।୧(ସମିସ):** ବଡଗଡ଼ ଥାନା ବଡଗଡ଼ ପଞ୍ଚାୟତ ହରିଜନ ସାହିର ଜଣେ ଦୁସ୍ଥ ଓ ଆର୍ଥିକ ଅନଗ୍ରସର ମହିଳାଙ୍କ ମୃତ୍ୟୁ ହୋଇଛି। ମହିଳା ଜଣକ ହେଲେ ହରିଜନ ସାହିର ଶିବାନି ନାୟକ। ତାଙ୍କର କେହି ନିଜ ପରିଚୟ ବ୍ୟକ୍ତି ନଥିବା ବେଳେ ସାହି ବାସିନ୍ଦାଙ୍କ ସହଯୋଗରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ମୃତ୍ୟୁ ଖବର ପାଇ ସମାଜସେବୀ ତଥା ବଡଗଡ଼ ମଣ୍ଡଳ ସଭାପତି ରାଧାମୋହନ ସ୍ୱାଇଁ ପହଁଚି ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ସ୍ଥାନୀୟ କିଛି ଲୋକଙ୍କ ସାହାଯ୍ୟ ଓ ସହଯୋଗରେ ସମ୍ପର୍ଣ୍ଣ ହେବା ନେଇ ସୂଚନା ଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବା ନେଇ କହିଛନ୍ତି ବୁଦ୍ଧିଜୀବୀ ଓ ଜନସାଧାରଣ।



# ‘ଅଧୁରା ସ୍ୱପ୍ନ’ରେ ନିଶା ନିବାରଣ ସଚେତନତା

**ବ୍ରହ୍ମପୁର,୮ ।୧(ସମିସ):** ସ୍ଥାନୀୟ ସରକାରୀ ଉଚ୍ଚବିଦ୍ୟାଳୟ ମେଡିକାଲ କ୍ୟାମ୍ପସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଶା ନିବାରଣ ସଚେତନତାର ବାର୍ତ୍ତା ବହନ କରୁଥିବା ତଥା ବିଜ୍ଞାନ ଶିକ୍ଷକ ବିକ୍ରମ କୁମାର ବେହେରାଙ୍କ ନିର୍ଦ୍ଦେଶନାରେ ନାଟକ ‘ଅଧୁରା ସ୍ୱପ୍ନ’ ମଞ୍ଚସ୍ଥ ହୋଇଥିଲା। ସଂସ୍କୃତ ଶିକ୍ଷକ ନିତ୍ୟାନନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ଦଶମ ଶ୍ରେଣୀ ଛାତ୍ରମାନେ ପରିବେଶ ସୁରକ୍ଷାକୁ ଆଧାରିତ ଗଞ୍ଜାମ ଲୋକକଳା ସମ୍ପର୍କିତ ଦଣ୍ଡ ନାଚ ପରିବେଷଣ କରିଥିଲେ।

ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ଡିପିଆଇଏଏସଇ ବିଇଡି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବୃନ୍ଦାବନ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ ପ୍ରଧାନ ଓ ଚିତ୍ତରଞ୍ଜନ ପାଣ୍ଡେ, ପୁରାତନ ଛାତ୍ର ନାରାୟଣ ସାବତ ଓ ବିଦ୍ୟାଳୟ କମିଟି ସଭାପତି ସନ୍ତୋଷ ନାୟକ ମଞ୍ଚାସିନ ଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀର ମାଗାଜିନ ଅର୍ଚ୍ଚନା, କଳିକା, ପ୍ରତିଭା, ନିର୍ଝରିଣୀ, ତପସ୍ୱିନୀ, ତେଜସ୍ୱୀ, କାଦମ୍ବିନୀ, ପୁଣ୍ୟତୋୟା, ମୂର୍ଚ୍ଛନା ଓ ଅର୍ଚ୍ଚନା ଆଦି ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୪ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାର କୃତୀ ଛାତ୍ର ଚନ୍ଦ୍ରଶେଖର ବେହେରା ଓ ପ୍ରସାଦ ଜେନାଙ୍କ ସମେତ ବିଦ୍ୟାଳୟର ୨୦୧୩ ବ୍ୟାଚ୍‌ର ପୁରାତନ ଛାତ୍ର ଶେଖର ସୁମନ ମାଝୀ, କଳା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ସହାୟତା ଯୋଗାଇଥିବା ଲତିକା ପ୍ରଶାନ୍ତିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଦଶମ ବାର୍ଷିକ ପରୀକ୍ଷାରେ ଏ-୨ ଗ୍ରେଡ ରଖିଥିବା ବିଦ୍ୟାଳୟରେ ବିଭିନ୍ନ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଏବଂ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବରେ ଚାମ୍ପିଅନ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନିତ୍ୟାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଲାକୁକୁରଙ୍କ ଦୌରାତ୍ମ୍ୟ, ଅସହାୟ ବିଇଏମ୍‌ସି!

ବ୍ରହ୍ମପୁର,୮ ।୧(ସମିସ)

ସହରରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବୁଲା କୁକୁରଙ୍କ ସଂଖ୍ୟା ସାଙ୍ଗକୁ ଦୌରାତ୍ମ୍ୟ। କେତେବେଳେ କିଏ କେଉଁ ପରିସ୍ଥିତିରେ ବୁଲା କୁକୁରଙ୍କ କାମୁଡାର ଶୀକାର ହେଉଛି ତାହା ଜାଣିବା କଷ୍ଟକର ହୋଇପଡିଛି। ଫଳରେ ଡାକ୍ତରଖାନାରେ କୁକୁର କାମୁଡା ରୋଗୀଙ୍କ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। କୁକୁରଙ୍କ ବଂଶ ବୃଦ୍ଧି

## ଦୀର୍ଘବର୍ଷ ପରେ ମଧ୍ୟ ସହରରେ ଆରମ୍ଭ ହୋଇ ପାରିଲାନି ‘ଏବିସି’

## ଏସ୍‌ପିଙ୍କ ପରେ ବିଇଏମ୍‌ସିକୁ ଚିଠି ଲେଖିଲେ ମେଡିକାଲ୍ ଅଧୀକ୍ଷକ

## ବଂଶ ନିୟନ୍ତ୍ରଣ କରାଯିବ କିନ୍ତୁ ସ୍ଥାନାନ୍ତରରେ ରହିଛି କଟକଣା

ଉପରେ ରୋକ ଲଗାଇବା ପାଇଁ ଯଦିଓ (ଏବିସି) ଆନିମଲ ବାର୍ଥ କଣ୍ଟ୍ରୋଲ ବା ପ୍ରାଣୀ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ରହିଛି ତାହାକୁ ଆଜି ପର୍ଯ୍ୟନ୍ତ ବ୍ରହ୍ମପୁର ଭଳି ସହରରେ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଏଭଳି ପରିସ୍ଥିତିରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ଓ ଦୌରାତ୍ମ୍ୟ ରୋକିବା କ୍ଷେତ୍ରରେ ବିଇଏମସି ଏକ ରକମର ଅସହାୟ ଅବସ୍ଥାରେ ପଡିଯାଇଛି। ସେପଟେ ବୁଲା କୁକୁରଙ୍କୁ ସେମାନଙ୍କ ନିଜ ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତର କରାଗଲେ ସେମାନେ ଅଧିକ ହିଂସ୍ର ହେବାର ଅଧିକ ସମ୍ଭାବନା ରହିଛି। ଏଣୁ ବୁଲା କୁକୁରଙ୍କୁ ସେମାନଙ୍କ ସ୍ଥାନରୁ ଅନ୍ୟତ୍ର ସ୍ଥାନାନ୍ତର ନ କରିବା ନେଇ ଜାତୀୟ ପ୍ରାଣୀ ମଙ୍ଗଳ ବୋର୍ଡ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ମଧ୍ୟ ରହିଛି। ଫଳରେ ବୁଲା କୁକୁରଙ୍କ ବଂଶ ବୃଦ୍ଧିକୁ ରୋକିବା ପାଇଁ ସହରାଞ୍ଚଳରେ ଏବିସି କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ଷମ କରିବା ଜରୁରୀ ତଥା ଏକମାତ୍ର ବିକଳ୍ପ। ବୁଲା କୁକୁରଙ୍କ ଦୌରାତ୍ମ୍ୟରେ ଯେ କେବଳ ସହରର ବିଭିନ୍ନ ଅଞ୍ଚଳର ଲୋକେ ଅତିଷ୍ଠ ଏହା ନୁହେଁ ବରଂ ଖୋଦ୍ ନିଜ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ସୁରକ୍ଷାକୁ ନେଇ ନିଜେ ବ୍ରହ୍ମପୁର ଏସପି ଓ ପରବର୍ତ୍ତୀ ସମୟରେ ଏମକେସିଜି ମେଡିକାଲ ଅଧ୍ୟକ୍ଷ ଅତିଷ୍ଠ ଥିବା ଜଣାପଡିଛି। ନିଜ ଅଞ୍ଚଳରେ ଥିବା ବୁଲା କୁକୁରଙ୍କୁ ହଟାଇବାକୁ ଉଭୟ କର୍ତ୍ତୃପକ୍ଷ ବିଇଏମସି କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ନିବେଦନ କରିସାରିଛନ୍ତି। ବିଇଏମସି ପକ୍ଷରୁ ଯଦିଓ ଏନେଇ ପଦକ୍ଷେପ ହାତକୁ ନିଆଯାଇଥିଲା ତେବେ ତାକୁ ବିରୋଧ କରିଥିଲେ ସହରର କିଛି ‘ଡଗ ଲଭର’ ଓ ବୁଲା କୁକୁରଙ୍କୁ ନିୟମିତ ଖାଦ୍ୟ ଯୋଗାଉଥିବା ସଙ୍ଗଠନ ଓ ବ୍ୟକ୍ତିବିଶେଷ। ଏପରିକି ଏ ସଂକ୍ରାନ୍ତରେ ଖୋଦ୍ ପିପୁଲ ଫର ଆନିମଲର ମୁଖ୍ୟ ମେନକା ଗାନ୍ଧୀଙ୍କ ହସ୍ତକ୍ଷେପ ଲୋଡିଥିଲେ। ମେନକା ଗାନ୍ଧୀଙ୍କ ହସ୍ତକ୍ଷେପ ଫଳରେ କୁକୁରଙ୍କୁ ସେମାନଙ୍କ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଅନ୍ୟତ୍ର ସ୍ଥାନାନ୍ତର କରିବା କାର୍ଯ୍ୟରୁ ବିଇଏମସି ନିବୃତ୍ତ ରହିବାକୁ ବାଧ ହୋଇଥିଲା। ବିଇଏମସି ନିକଟରେ ଯଦିଓ ବୁଲା କୁକୁରଙ୍କୁ କାବୁ କରିବା ପାଇଁ କର୍ମଚାରୀ ଓ ଆନୁସଙ୍ଗିକ ଭିତ୍ତିଭୂମି ରହିଛି ତେବେ ତାହା ଯଥେଷ୍ଟ ନୁହେଁ। କୁକୁରଙ୍କୁ କାବୁ କରିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ଡଗ କେନାଲରେ ରଖିବା ଓ ସେମାନଙ୍କ ଆବଶ୍ୟକ ଯତ୍ନ ନେବା ଭଳି ବ୍ୟବସ୍ଥା ନ ଥିବା ଜଣାପଡିଛି। ବୁଲା କୁକୁରଙ୍କୁ ନେଇ ଜନସାଧାରଣ ଅତିଷ୍ଠ ହୋଇ ପଡିଥିବା ବେଳେ ଅସହାୟ ବିଇଏମସି କର୍ତ୍ତୃପକ୍ଷ। ଏନେଇ ବିଇଏମସିର ଏହି ଦାୟିତ୍ୱରେ ଥିବା ଉପାୟୁକ୍ତ ଆଶିର୍ବାଦ ପରିଡା ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ବିଭିନ୍ନ କାରଣରୁ ଯଦିଓ ଏବିସି କାର୍ଯ୍ୟକ୍ରମ ହାତକୁ ନିଆଯାଇ ପାରିନାହିଁ ତେବେ ମାର୍ଚ୍ଚ ସୁଦ୍ଧା ସହରରେ ଏବିସି କାର୍ଯ୍ୟକାରୀ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏଥିପାଇଁ ଜାନୁଆରୀ ଶେଷ ସୁଦ୍ଧା ‘ଇଓଆଇ’ ବା ‘ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ’ ଆହ୍ୱାନ କରାଯିବ। ଜନସାଧାରଣଙ୍କ ଜୀବନର ସୁରକ୍ଷା ଭଳି ବୁଲା କୁକୁରଙ୍କ ସୁରକ୍ଷା ପାଇଁ ମଧ୍ୟ କିଛଇ ନିର୍ଦ୍ଦିଷ୍ଟ ନିତିନିୟମ ରହିଛି। ସବୁକୁ ଦୃଷ୍ଟିରେ ରଖି ନିଗମ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ଓ ଏହାର ସ୍ଥାୟୀ ସମାଧାନ କରାଯିବ ବୋଲି ଶ୍ରୀ ପରିଡା କହିଛନ୍ତି।





# ‘୧୧୨’ ଓ ‘୧୦୮’କୁ ନେଇ ଦ୍ୱନ୍ଦ୍ୱ

**ବ୍ରହ୍ମପୁର,୮ ।୧(ସମିସ):** ସମଗ୍ର ରାଜ୍ୟରେ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଯାଇ ୧୦୮ ନମ୍ବରକୁ ବ୍ୟବହାର କରାଯାଉଛି। ସେହିଭଳି ପୁଲିସ ସହାୟତା, ଅଗ୍ନିଶମ ଓ ଆମ୍ବୁଲାନ୍ସ ସେବାଭଳି ଜରୁରିକାଳୀନ ସେବା ଉପଲବ୍ଧ କରାଇବାକୁ ଯାଇ ରାଜ୍ୟରେ ୧୧୨ନମ୍ବର ଜାରି କରାଯାଇଛି। ଯାହା ସଫଳତାର ସହିତ କାର୍ଯ୍ୟ ମଧ୍ୟ କରୁଛି। ତେବେ ଉଭୟ ନମ୍ବରକୁ ନେଇ ଅନେକ ସମୟରେ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହିତ ସେବା ପାଇବାରେ ହେଉଥିବା ବିଳମ୍ବକୁ ନେଇ ଅସନ୍ତୋଷ ମଧ୍ୟ ଦେଖିବାକୁ ମିଳୁଛି। ୧୦୮ ନମ୍ବରକୁ କଲ କରାଗଲେ ତାହା ପ୍ରଥମେ ଭୁବନେଶ୍ୱରସ୍ଥିତ କେନ୍ଦ୍ର ସହିତ ସଂଯୋଗ ହେବାପରେ ଆବେଦନକାରୀଙ୍କ ଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଉଛି। ପରେ ନିକଟସ୍ଥ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବାକୁ ଯାଇ ଆବେଦନକାରୀଙ୍କୁ ଦିର୍ଘ ସମୟ ଧରି ଅନଲାଇନ ଫୋନ କଲରେ ରହିବାକୁ ପଡୁଛି। ଏପରିକି ବିଭିନ୍ନ ସମୟରେ ହସ୍ପିଟାଲ ନିକଟରେ ଓ ହାତପାଆନ୍ତାରେ ଆମ୍ବୁଲାନ୍ସ ଥାଇ ସୁଦ୍ଧା ଉକ୍ତ ସେବା ଉପଲବ୍ଧ କରିବା ସମ୍ଭବପର ହେଉନାହିଁ।

ସେହିଭଳି ରାଜ୍ୟରେ ପୁଲିସ, ଅଗ୍ନିଶମ ଓ ଆମ୍ବୁଲାନ୍ସ ସେବା ଉପଲବ୍ଧ କରାଇବା ପାଇଁ ଯଦିଓ ୧୧୨ ହେଲ୍ପଲାଇନ ନମ୍ବରକୁ ନିୟୋଜିତ କରି ଏକ ଦୂରଦୃଷ୍ଟି ସମ୍ପନ୍ନ ବ୍ୟବସ୍ଥା କରାଯାଇଥିଲା ତାହାର ପରିଚାଳନାରେ ସମସ୍ୟା ଦେଖିବାକୁ ମିଳୁଛି। କୌଣସି ଅପରିଚିତ ବା ଅସହାୟ ବ୍ୟକ୍ତିଙ୍କୁ ସହାୟତା ଯୋଗାଇବାକୁ ଯାଇ କେହି ଯୋଗାଯୋଗ କଲେ ୧୦୮କୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଉଛି। ଅନେକ ସମୟରେ ୧୧୨ନମ୍ବରରେ ସେବା ପ୍ରଦାନ କରିବାକୁ ଆସୁଥିବା ପିସିଆର ଗାଡିରେ ଥିବା କର୍ମଚାରୀଙ୍କର କୌଣସି କ୍ଷମତା ଥିବା ଭଳି ମନେ ହେଉନାହିଁ। ଖବର ପାଇ ସେମାନେ କେବଳ ଘଟଣା ସ୍ଥଳରେ ପହଁଞ୍ଚି ନିକଟସ୍ଥ ଥାନାକୁ ସୂଚନା ଦେଉଥିବା ଦେଖିବାକୁ ମିଳୁଛି। ସୂଚନା ଯୋଗ୍ୟ ଯେ' ବ୍ରହ୍ମପୁର ଏମକେସିଜି ମେଡିକାଲ କ୍ୟାମ୍ପସରେ ଅର୍ଥାତ୍ ମେଡିକାଲ କଲେଜ ସଂଲଗ୍ନ ରାସ୍ତାରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମର ନିକଟରେ ଜଣେ ଅପରିଚିତ ତଥା ଚେତାଶୂନ୍ୟ ଯୁବକ ପଡିଥିବା ସ୍ଥାନୀୟ କିଛି ଲୋକେ ଦେଖିଥିଲେ। ଯୁବକଙ୍କ ନିକଟରେ ଏକ ବ୍ୟାଗ ରହିଥିଲା। ଯୁବକଙ୍କୁ ନିଶା ଦେଇ କେହି ଲୁଟ କରିଥିବା ସନ୍ଦେହ କରାଯାଇଥିଲା। ତୁରନ୍ତ ୧୧୨ନମ୍ବରକୁ ଯୋଗାଯୋଗ କରାଯାଇଥିବା ବେଳେ ଯୁବକ ଜଣକ ଚେତାଶୂନ୍ୟ ଥିବା ଜାଣି ୧୧୨ କଣ୍ଟ୍ରୋଲ ରୁମରୁ ୧୦୮କୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ପରେ ସୂଚନାଦାତା ଜଣକ ୧୦୮କୁ ଯୋଗାଯୋଗ କରିଥିଲେ। ସେଠାରେ ମଧ୍ୟ ଦୀର୍ଘ ସମୟ ଧରି ଆବଶ୍ୟକ ତଥ୍ୟ ପ୍ରଦାନ କରିବାକୁ ପଡିଥିଲା। ମେଡିକାଲ କ୍ୟାମ୍ପସ ଭିତରେ ଘଟଣା ଘଟିଥିବା ବେଳେ ଡାକ୍ତରଖାନା ପରିସରରେ ଆମ୍ବୁଲାନ୍ସ ଥାଇ ସୁଦ୍ଧା ଘଟଣାସ୍ଥଳରେ ପହଞ୍ଚିବାକୁ ଦୀର୍ଘ ସମୟ ଲାଗିଥିଲା। ସବୁଠାରୁ ବଡ଼କଥା ଆମ୍ବୁଲାନ୍ସରେ ଥିବା କର୍ମଚାରୀ କେହି ସାଙ୍ଗରେ ନଆସିଲେ ସେବା ପ୍ରଦାନ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଇତି ମଧ୍ୟରେ ବ୍ରହ୍ମପୁର ଏସପି ଡା ସର୍ବଣା ବିବେକ ଏମ ଖବର ପାଇ ବୈଦ୍ୟନାଥପୁର ଥାନା ଅଧିକାରୀଙ୍କୁ ଖବର ଦେଇ ନିଜର କର୍ମଚାରୀଙ୍କୁ ପଠାଇଥିଲେ। ହାତପାଆନ୍ତାରେ ସମସ୍ତ ସୁବିଧା ଓ ସେବା ଥାଇ ସୁଦ୍ଧା ତାହାକୁ ହାତେଇବାରେ ସମସ୍ୟା ସହିତ ଲେକଙ୍କ ମଧ୍ୟରେ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଏଭଳି ସମସ୍ୟାର ସମାଧାନ ନହେଲେ କୌଣସି ବିପତ୍ତି ସମୟରେ କେହି ସାହାଯ୍ୟ ପାଇଁ ଆଗେଇ ଆସିବାକୁ ପଛଘୁଞ୍ଚା ଦେବେ ବୋଲି ମତ ପ୍ରକାଶ ପାଇଛି। ପରେ ଘଟଣା ସ୍ଥଳରେ ଉଭୟ ୧୧୨ ପିସିଆର ଭ୍ୟାନ ଓ ୧୦୮ ଆମ୍ବୁଲାନ୍ସ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ନେଇଥିଲେ। ଯୁବକ ଜଣକ ଗଞ୍ଜାମ ସୋରଡାର ହୋଇଥିବା ବେଳେ ସେ ନିଶାଶକ୍ତ ହୋଇ ସେଠାରେ ପଡିଥିବା ଜଣାପଡିଥିଲା।



- ଜରୁରିକାଳୀନ ସେବା ନମ୍ବରକୁ ନେଇ ସମସ୍ୟା
- ପାଖରେ ଥାଇ ଆସୁନି, ଦୂର ଆମ୍ବୁଲାନ୍ସ ଓ ପିସିଆର୍‌କୁ ଅପେକ୍ଷା
- ବିଳମ୍ବ ଯୋଗୁଁ ଅକାରଣରେ ଯାଉଛି ଅନେକ ଜୀବନ

# ତନଖି ଫାଟକରୁ ବାଇକ୍ ଚୋରି; ଦୁଇ ଗିରଫ

**ବ୍ରହ୍ମପୁର,୮ ।୧(ସମିସ):** ମୋଟରସାଇକେଲ ଚୋରି କରିଥିବା ଅଭିଯୋଗରେ ସୁନାପୁର ସାମୁଦ୍ରିକ ଥାନା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ଟାଉନ ଥାନା ଅଞ୍ଚଳର ଏସକେ ଅସିଫ୍(୩୫) ଓ ଏସକେ ସମୀର(୨୧)। ସୂଚନାଯୋଗ୍ୟ ଯେ, ଗୋଳନ୍ଥରା ଥାନା ଅଧିନ ଦୟାନିଧିପେଣ୍ଠ ଗ୍ରାମର ଏଲ ନାରାୟଣ ରାଓ(୪୩) କିଛିଦିନ ପୂର୍ବେ ସମୁଦ୍ରକୁ ମାଛ ଧରିବା ପାଇଁ ଗଲାବେଳେ ତାଙ୍କ ମୋଟରସାଇକଲକୁ ସୁନାପୁର ତନଖି ଫାଟକ ନିକଟରେ ରଖିଥିଲେ। ସମୁଦ୍ରରୁ ମାଛ ଧରି ଫେରିବା ବେଳେ ତାଙ୍କ ଗାଡ଼ିଟି ସେଠାରେ ନଥିଲା। ବହୁ ଖୋଜାଖୋଜି କରିବା ପରେ ମଧ ସେ ତାଙ୍କ ଗାଡ଼ି ପାଇ ନ ଥିଲେ। ଶେଷରେ ତାଙ୍କ ଗାଡ଼ି ଚୋରି ହୋଇଥିବା ନେଇ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ପୁଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ବୁଧବାର ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ପଦ୍ମ ଚରଣ ଭଞ୍ଜ ସୂଚନା ଦେଇଛନ୍ତି। ଉପରୋକ୍ତ ଅଭିଯୁକ୍ତମାନେ ଚୋରି କରିବା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ବୁଲିବା ପରେ ସେଠାରୁ ଗାଡି ଚୋରି କରିନେଇଥିବା ପୁଲିସ ତଦନ୍ତରେ ଜଣାପଡ଼ିଛି।

# ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ସମ୍ମାନ ଓ ସୁରକ୍ଷା ଦାବି

ବ୍ରହ୍ମପୁର,୮ ।୧(ସମିସ): ବ୍ରହ୍ମପୁର ସହରର ବିଭିନ୍ନ ଛକମାନଙ୍କରେ ଶୋଭାବର୍ଦ୍ଧନ କରୁଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିକୁ ସମ୍ମାନ ଓ ସୁରକ୍ଷା ଦେବା ଆମସମସ୍ତଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ମହାନଗର ନିଗମ ଅଧିନରେ ଥିବା ବହୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ମଧ୍ୟରୁ କେତେକ ଭାଙ୍ଗିରୁଜି ଯାଇଥିବା ବେଳେ ଆଉ କେତେକ ପୂର୍ଣ୍ଣାୟବ ନହୋଇ ଅଧା ରହିଛି। ସେଥିମଧ୍ୟରୁ ସିଲ୍ଲା ପେଟ୍ରୋଲ ପମ୍ପ ଛକ ସ୍ଥିତ ପଣ୍ଡିତ ଗୋପବନ୍ଧୁ ଦାସ ଓ ପୁରୁଣା ବସଷ୍ଟାଣ୍ଡ ଛକସ୍ଥିତ ଶଶୀଭୂଷଣ ରଥଙ୍କ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ରହିଛି। ଉଭୟ ବରପୁତ୍ରଙ୍କ ଜନ୍ମତିଥି ଅଥବା ଜୟନ୍ତୀରେ ସ୍ମୃତିଚାରଣ ବେଳେ କେବଳ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି। ଏଣୁ ଉଭୟ ମହାପୁରୁଷଙ୍କ ଅଧା ପ୍ରତିମୂର୍ତ୍ତିକୁ ପୂର୍ଣ୍ଣାୟବ ଓ ବ୍ରୋଞ୍ଜ ନିର୍ମିତ କରିବାକୁ ସହରବାସୀ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ସେହିଭଳି ପୁରୁଣା ବସଷ୍ଟାଣ୍ଡ ଠାରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଯାହାକୁ ବ୍ରହ୍ମପୁର ପୌରସଂସ୍ଥା ପକ୍ଷରୁ ପ୍ରତିଷ୍ଠା କରାଯାଇଥିଲା ସେଥିରେ ଦିଆଯାଇଥିବା ଲେପ ଯୋଗୁଁ ତାହା ବ୍ରୋଞ୍ଜ ନିର୍ମିତ ବୋଲି ସ୍ପଷ୍ଟ ହେଉନାହିଁ। ଏଣୁ ଏହି ପ୍ରତିମୂର୍ତ୍ତିର ଲେପରେ ସୁଧାର ଆଣିବା ସହ ଉତ୍କଳମଣୀ ଗୋପବନ୍ଧୁ ଓ ଶଶୀଭୁଷଣ ରଥଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବ୍ରହ୍ମପୁର ମହାନଗର ନିଗମ ପଦକ୍ଷେପ ନେବାକୁ ପୂର୍ବତନ ସାଂସଦ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ ଦାବି କରିଛନ୍ତି। ଏହି ମର୍ମରେ ଶ୍ରୀ ସାହୁ ମେୟର ସଂଘମିତ୍ରା ଦଳେଇଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି।



## ମେୟରଙ୍କୁ ଚିଠି ଲେଖିଲେ ପୂର୍ବତନ ସାଂସଦ

### ନାମକୁମାତ୍ର ଚାଲିଛି ‘ସଡ଼କ ସୁରକ୍ଷା ମାସ’!

# ସଚେତନତା ନାହିଁ କି କାର୍ଯ୍ୟାନୁଷ୍ଠାନ ନାହିଁ

ବ୍ରହ୍ମପୁର,୮ ।୧(ସମିସ)

ଧର୍ମକୁ ଆଖି ଠାର ସଦୃଶ ଚାଲିଛି ‘ସଡ଼କ ସୁରକ୍ଷା ମାସ’ ପାଳନ। ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ସଡକ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ବହୁ ଅର୍ଥ ପାଣି ଭଳି ବିନିଯୋଗ ହେଉଥିବା ବେଳେ ଏଥିପ୍ରତି କାହାରି ନିଘା ନାହିଁ। ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେଉ ନାହିଁ କିମ୍ବା ସୁଧାର ଆଣିବା ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଉ ନାହିଁ। ସିଜନାଲ ବା ପାରମ୍ପରିକ ଭାବେ ଉତ୍ସବ ପାଳନ କରିବା ଉଦ୍ଦେଶ୍ୟରେ ଆୟୋଜିତ ହେଉଛି କାର୍ଯ୍ୟକ୍ରମ। ସଡକ ଦୁର୍ଘଟଣା କ୍ଷେତ୍ରରେ ସହଯୋଗ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ସାହିତ କରିବା ପାଇଁ ଥିବା ଗୁଡ୍ ସମରିଟାନ ବା ଉତ୍ତମ ନାଗରିକ ବ୍ୟବସ୍ଥାକୁ ମଧ୍ୟ ଏକ ରକମର ପଙ୍ଗୁ କରିଦିଆଯାଇଛି। ବିନା ତଥ୍ୟ ସଂଗ୍ରହ କରି ପ୍ରକୃତ ସ୍ୱେଚ୍ଛାସେବୀଙ୍କୁ ବିଭାଗ ପକ୍ଷରୁ ‘ଗୁଡ୍ ସମରିଟାନ’ ଭାବେ ସମ୍ବର୍ଦ୍ଧିତ କରିବା ପରିବର୍ତ୍ତେ ଏକ୍ଷେତ୍ରରେ ମୁହଁଦେଖା କାରବାର କରାଯାଉଥିବା ଅଭିଯୋଗ ହୋଇଛି। ଯଦ୍ୱାରା ସଡକ ଦୁର୍ଘଟଣା ସମୟରେ କେହି ଆହତଙ୍କୁ ସହଯୋଗ କରିବାକୁ ଆଗକୁ ଆସିବା ପରିବର୍ତ୍ତେ ପଛଘୁଞ୍ଚା ଦେଉଥିବା ପରିଲକ୍ଷିତ ହେଉଛି। ପୂର୍ବରୁ ସମଗ୍ର ଦେଶରେ ଜାନୁଆରୀ ପ୍ରଥମ ସପ୍ତାହକୁ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବା ବେଳେ ବର୍ତ୍ତମାନ ସମଗ୍ର ଜାନୁଆରୀ ମାସକୁ ସଡକ ସୁରକ୍ଷା ମାସ ଭାବେ ପାଳନ କରାଯାଉଛି। ତେବେ ସଚେତନତା ଓ କାର୍ଯ୍ୟାନୁଷ୍ଠାନ ଉଭୟ ହେଉନଥିବାରୁ ଏହି ମାସ ତମାମ ଚାଲିଥିବା ସଡକ ସୁରକ୍ଷା ମାସର ଯଥାର୍ଥତା କିଛି ନଥଇବା ନେଇ ସାଧାରଣରେ ଆଲୋଚନା ହେଉଛି। ଦୁର୍ଘଟଣାକୁ ରୋକିବା ଯଦଇଓ କାଠିକର ପାଠ ହେଲେ ଲୋକେ ସଚେତନ ହେଲେ ଏଥି ଜନିତ ମୃତାହତ ସଂଖ୍ୟାକୁ ହ୍ରାସ କରାଯାଇପାରେ। ଯାହାକୁ ନେଇ ଦେଶବ୍ୟାପି ପାଳିତ ହେଉଛି ଏହି ମାସ। ତେବେ ବିଭାଗୀୟ ଅବହେଳା ହେଉ ଅଥବା ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଦିନକୁ ଦିନ ସଡକ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଯାହା ସବୁଠାରୁ ଚିନ୍ତା ଓ ପରିତାପର ବିଷୟ। ସଡକ ସୁରକ୍ଷା ମାସ ଚାଲିଛି ସତ ହେଲେ ବର୍ତ୍ତମାନ କେଉଁଠାରେ ମଧ୍ୟ ଧରପଗଡ, ଗାଡିଯାଞ୍ଚ ଅଥବା ବିଦ୍ୟାଳୟ ଗୁଡିକରେ ସଚେତନତା ଭଳି କୌଣସି କାର୍ଯ୍ୟକ୍ରମ ହାତକୁ ନିଆଯାଇ ନାହିଁ। ଉପର ଠାଉରିଆ ଭାବେ କାଁ ଭାଁ କାର୍ଯ୍ୟକ୍ରମ କରି ହାତ ଧୋଇ ବସିଛନ୍ତି ପରିବହନ କର୍ତ୍ତୃପକ୍ଷ। ସହରରେ ବିଭିନ୍ନ ସ୍କୁଲ ଓ କଲେଜରେ ଛାତ୍ରଛାତ୍ରୀଙ୍କ ପରିବହନ କ୍ଷେତ୍ରରେ ନିୟୋଜିତ ହେବାକୁ ଥିବା ନିର୍ଦ୍ଦିଷ୍ଟ ନିତିନିୟମକୁ ଖୋଲାଖୋଲି ଉଲଂଘନ କରାଯାଉଥିବା ବେଳେ ଫିଟନେସ ଯାଞ୍ଚ ମଧ୍ୟ କରାଯାଉ ନାହିଁ।

ସେପଟେ ହେଲମେଟ ପରିଧାନ କରିବା ଦୂରର କଥା କମ୍ ବୟସ୍କ ନାବାଳକ ମାନେ ନମ୍ବର ବିହୀନ ମୋଟର ସାଇକେଲରେ ତିନିଜଣିଆ ସେପୁଣି ଦ୍ରୁତ ଗାଡିଚାଳନା କରୁଥିବା ଦେଖିବାକୁ ମିଳୁଛି। ଏକ୍ଷେତ୍ରରେ ପରିବହନ ବିଭାଗକ ଓ ପୁଲିସ ବିଭାଗର ଯେତିକି ଅବହେଳା ରହିଛି ତାହାଠାରୁ ବେଶ ଅଧିକ ଦାୟିତ୍ୱହୀନତା ରହିଛି ନାବାଳକଙ୍କ ଅଭିଭାବକଙ୍କର। ସେହିଭଳି ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ମଧ୍ୟ ସମାନ ଦାୟିତ୍ୱ ରହିଛି ଏଭଳି ନିୟମ ଉଲଂଘନକାରୀ ଛାତ୍ରଛାତ୍ରୀଙ୍କୁ ସୁଧାରିବା କ୍ଷେତ୍ରରେ। ଏସବୁ ଦୃଷ୍ଟିରୁ ସହରରେ ତଥା ଉପକଣ୍ଠରେ ଟ୍ରାଫିକ ନିୟମକୁ କଡାକଡି କାର୍ଯ୍ୟକାରୀ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

- ବିନା ନମ୍ବର ପ୍ଲେଟ୍ ଓ ହେଲ୍‌ମେଟରେ ଚାଲୁଛି ଦୁଇଚକିଆ।
- ନାବାଳକଙ୍କ ହାତରେ ଗାଡ଼ି, ଗୋଟିଏ ବାଇକ୍‌ରେ ଯାଉଛନ୍ତି ୩ ଜଣ
- ବିନା ଫିଟ୍‌ନେସରେ ଚାଲିଛି ସ୍କୁଲ୍ ଓ କଲେଜ ବସ୍
- ପଙ୍ଗୁ ପାଲଟିଛି ଗୁଡ୍ ସମରିଟାନ ବ୍ୟବସ୍ଥା





# ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ



**ବ୍ରହ୍ମପୁର,୮ ।୧(ସମିସ):** ସ୍ଥାନୀୟ ଭିଭିଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଗଞ୍ଜାମ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକଙ୍କ ପୌରହିତ୍ୟରେ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା ଓ ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମଗ୍ର ଶିକ୍ଷା ସଂଯୋଜକ ସରୋଜ ମୋହନ ପାଳ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଓ ରାଜେଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରବାସୀ ଭାରତୀୟଙ୍କ ସ୍ୱଦେଶ ପ୍ରତି ସମ୍ମାନ, କର୍ତ୍ତବ୍ୟ, ଆମର ପରମ୍ପରା ଓ ଭାଇଚାରାର ସଦଭାବନାକୁ ଉଜ୍ଜୀବିତ ରଖିବାକୁ ଅଭିମତ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାର ୨୨ଟି ବ୍ଲକରୁ ଆସିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ, ଚିତ୍ର ଓ ସାଇକଲ ଚାଳନା ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାଯ୍ୟକ୍ରମ ପରିଚାଳନା କରାଯାଇଥିଲା।

# ଯଦୁମଣିଙ୍କ ୨୪୫ତମ ଜୟନ୍ତୀ



ପୋଲସରା,୮ ।୧(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ନିକଟସ୍ଥ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପ୍ରାଙ୍ଗଣରେ ଉତ୍କଳର ଘଣ୍ଟ ଯଦୁମଣି ମହାପାତ୍ରଙ୍କ ୨୪୫ତମ ଜୟନ୍ତୀ ପାଳନ କରାଯାଇଛି। ଗଞ୍ଜାମ ଜିଲ୍ଲାର ଆଠଗଡ ମଥୁରା ଗ୍ରାମରେ ୧୭୮୧ ମସିହାରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ତାଙ୍କର ସଂପୂର୍ଣ୍ଣ କର୍ମସ୍ଥଳ ପାଲଟି ଥିଲା ନୟାଗଡ଼ର ଇଟାମାଟି। ପିଲାଟି ଦିନରୁ ସେ ସଂସ୍କୃତ ଭାଷାରେ କାବ୍ୟକବିତା ଭଳି ଚଉପଦୀ, ଭଜନ ଜଣାଣର ସ୍ରଷ୍ଟା ପାଲଟି ଥିଲେ। ଏପରିକି ସାହିତ୍ୟର ଜନକ ଭାବେ 'ରାଘବ ବିଳାସ' ଓ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ନାମକ ଦୁଇଟି ବୃହତ ସାହିତ୍ୟର ଅମୂଲ୍ୟ ସମ୍ପଦ ମଧ୍ୟ ସୃଷ୍ଟି କରିବାର ଧର୍ଯ୍ୟ ଦେଖାଇଛନ୍ତି। କାର୍ଯ୍ୟକ୍ରମରେ ସଭାପତି ମନୋଜ କୁମାର ଘଡେଇ, ସମ୍ପାଦକ ଜ୍ୟୋତି ରଞ୍ଜନ ଆଚାରୀ, ସହ ସଂପାଦକ ଶିବ ପ୍ରସାଦ ସାହୁ, ବରିଷ୍ଠ ଆଇନଜୀବୀ ତଥା ଉପଦେଷ୍ଟା ପବିତ୍ର କୁମାର ନାୟକ, ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ରାଧାଶ୍ୟାମ ପଣ୍ଡା, ଅଧ୍ୟାପକ ଡ଼କ୍ଟର ସୁଶାନ୍ତ କୁମାର ସାହୁ, ଆଲୋକ ବେହେରା, ରଞ୍ଜନ କୁମାର ସ୍ୱାଇଁ, ଶୁଭମ୍ ଖୁଣ୍ଟିଆ, ଦୁର୍ଗା ପ୍ରସାଦ ପତି, ଚନ୍ଦନ ଦାସ, ରୋହିତ ଦଳାଇ, ପବିତ୍ର ନାହାକ, ଆଲୋକ ବିଷୋୟୀ, ଦିପୁନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୈଷୟିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବେଲଗୁଣ୍ଠା,୮ ।୧(ସମିସ): ବେଲଗୁଣ୍ଠା ସ୍ଥିତ ନୋଡ଼ାଲ୍ ଘୁମୁସର ବୈଷୟିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ବେଲଗୁଣ୍ଠା କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ପଟ୍ଟନାୟକ କାଉନସିଲର୍ ପ୍ରଦୀପ କୁମାର ସେଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଭାନୁ ପାଢ଼ୀ, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁ ଚରଣ ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବ୍ରଜକିଶୋର ମହାରଣା ଏବଂ କୋକଲୁଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ଉତ୍ସବ ପାଳନର ମହତ୍ୱ ସମ୍ପର୍କରେ କହିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରବାସୀ ଭାରତୀୟ ଦିବସ ପାଳିତ



ଜଗନ୍ନାଥପ୍ରସାଦ,୮ ।୧(ସମିସ): ଜଗନ୍ନାଥ ପ୍ରସାଦ ଆଞ୍ଚଳିକ ଡ଼ିଗ୍ରୀ କଲେଜ ପରିସରରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ସାଂସଦ ପ୍ରତିନିଧି ମହେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନେ କଲେଜରୁ ବାହାରି ବ୍ଲକ ଛକ, ବଡ଼ଦାଣ୍ଡ, ମୁଖ୍ୟ ବଜାର ଓ ମା କରଞ୍ଜେଇ ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ସ୍ଲୋଗାନ ଦେଇ ରାଲିରେ ବାହାରିଥିଲେ। ଏଥିରେ ଅଧ୍ୟକ୍ଷଙ୍କ ସମେତ ଆଇକ୍ୟୁଏସି ସଂଯୋଜକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ଡ଼ଃ ପ୍ରମୋଦ କୁମାର ଚୌଧୁରୀ, ଯୁବ ରେଡକ୍ରସ୍ ପରାମର୍ଶଦାତା ନିରଞ୍ଜନ ଶତପଥୀ, ଅର୍ଥନୀତି ଅଧ୍ୟାପକ ଡ଼ଃ ବିନୋଦ କୁମାର ଦାଶ, ଅଧ୍ୟାପକ ବିଭୂତି ଭୂଷଣ ପ୍ରଧାନ, ବିରଞ୍ଚି ନାରାୟଣ ପ୍ରଧାନ, ଶ୍ରୀକାନ୍ତ ପାତ୍ର, ଅଧ୍ୟାପିକା ସୁଚରିତା କର, ଗ୍ରନ୍ଥା ଗାରିକ ରଘୁନାଥ ପାଣି, ଡିଇଓ ସରୋଜ କୁମାର ନାୟକ, କଲେଜ କର୍ମଚାରୀ ବୃନ୍ଦ ଓ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ଜଙ୍ଗଲ ଜମି ଅଧିକାର ନେଇ ଆଦିବାସୀଙ୍କ ଶପଥ

ଖଲ୍ଲିକୋଟ,୮ ।୧(ସମିସ):



ଜଙ୍ଗଲ ଜମି ଅଧିକାର ନେଇ ଆଦିବାସୀଙ୍କ ଶପଥ ସମାରୋହ। ତୁରନ୍ତ ସେମାନଙ୍କୁ ଜଙ୍ଗଲ ଜମି ଅଧିକାର ନ ମିଳିଲେ ଧନୁ ତୀର ଧରି ବନ ବିଭାଗ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଖଲ୍ଲିକୋଟ ତହସିଲ ଅନ୍ତର୍ଗତ ବାଦପଲ୍ଲୀ ପଞ୍ଚାୟତର ଛକାସିଂ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଏନେଇ ଆଦିବାସୀ ମେଳି ହୋଇଥିଲା। ପଞ୍ଚାୟତର ବାଦପଲ୍ଲୀ ଗ୍ରାମ ସମେତ ଛକାସିଂ, ଗୁଣ୍ଡିପଦର, ଖଜୁରୀ ସାହି, ମୀନାପୁର, ଫାଁଶିଖୋଲ, କୁମାର ସିଂ, ମରେଇ ନୂଆଗାଁ, ନୋଲୁସିଂ, ଖୁଣ୍ଟିଆ ତୋଟା, ଦେବୀଝର ପ୍ରଭୃତି ଗ୍ରାମର ଶତାଧିକ ଆଦିବାସୀ ଏକାଠି ହୋଇ ମାଟି ମା'କୁ ହାତରେ ଧରି ଶପଥ ନେଇଥିଲେ। ଆମେ ଜଙ୍ଗଲ ଅଧିକାର ପାଇବା ପର୍ଯ୍ୟନ୍ତ ଯେ, କୌଣସି ମୂଲ୍ୟ ଦେଇ ସମ୍ପୂର୍ଣ୍ଣ ଗଣତନ୍ତ୍ର ପଦ୍ଧତି ରେ ସଂଘବଧ ଭାବେ ସଂଗ୍ରାମ ଜାରି ରଖିବୁ। ଆମର ହକ ଅଧିକାର ପାଇବାରେ ଯିଏ ବାଧା ସୃଷ୍ଟି କରିବ ତାକୁ ଆମେ ବରଦାସ୍ତ କରିବୁ ନାହିଁ।ତେଣୁ ଆମେ ଜିଲ୍ଲା ପ୍ରଶାସନ କୁ ଜଣାଉଛୁ କି, ଆମକୁ ଜଙ୍ଗଲ ଅଧିକାର ପାଇବା ଦିଗରେ ଆଇନ ଅନୁଯାୟୀ ଆମକୁ ସହଯୋଗ କରନ୍ତୁ। ନଚେତ ଆମେ ଆମର ଜଙ୍ଗଲ ଅଧିକାର ଜାହିର କରିବାକୁ ବାଧ ହେବୁ ବୋଲି ହାତରେ ପାରମ୍ପରିକ ଅସ୍ତ ଧନୁ ତୀର ସହିତ ମାଟି ମା'କୁ ଧରି ଆଦିବାସୀ ମାନେ ଶପଥ ନେଇଥିଲେ। ଜଙ୍ଗଲ ଅଧିକାର ଆଇନ ହେବାର ୧୮ ବର୍ଷ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ଆଦିବାସୀଙ୍କୁ ସେମାନଙ୍କ ଜଙ୍ଗଲ ଅଧିକାର ପ୍ରଦାନ କରିବା ଦିଗରେ କୌଣସି ପଦକ୍ଷେପ ନେଉ ନାହିଁ। ଏଥିପାଇଁ ଗତ ପ୍ରାୟ ଦୁଇ ବର୍ଷ ହେଲା ଭିଟା ମାଟି ସୁରକ୍ଷା ଅଭିଯାନ ସମିତି ପକ୍ଷରୁ ବାରମ୍ବାର ଦାବି କରିବା ସତ୍ତ୍ୱେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଭିଟା ମାଟି ସୁରକ୍ଷା ଅଭିଯାନ ସମିତି ସଂଯୋଜକ ବିଜୟ ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶପଥ ସମାରୋହରେ ଓଡିଶା କାର୍ଯ୍ୟକାରୀ ସିଏସଡି ପ୍ରଦୀପ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ଭ୍ୟାନ୍ ଧକ୍କାରେ ବସ୍ ମାଲିକଙ୍କ ମୃତ୍ୟୁ

ଫୁଲବାଣୀ,୮ ।୧(ସମିସ): ସ୍ଥାନୀୟ ଗାନ୍ଧୀ ଛକରେ ଏକ ପିକଅପ ଭ୍ୟାନ ଧକ୍କା ଦେବା ଫଳରେ ଜଣେ ଘରୋଇ ବସ ମାଲିକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ତ୍ରିଲୋଚନ ପ୍ରଧାନ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ସୁନା ପ୍ରତିମା ନାମକ ଯାତ୍ରୀବାହୀ ବସ ଘରୋଇ ବସଷ୍ଟାଣ୍ଡରୁ ବାହାରି ଗାନ୍ଧୀ ଛକ ନିକଟରେ ଯାତ୍ରୀ ଅପେକ୍ଷାରେ ଠିଆ ହୋଇଥିବା ବେଳେ ବସ୍ ମାଲିକ ତ୍ରିଲୋଚନ ପ୍ରଧାନ ନିକଟରେ ଠିଆ ହୋଇ କର୍ମଚାରୀଙ୍କ ସହ କଥାବାର୍ତ୍ତା କରୁଥିଲେ। ସେହି ସମୟରେ ମାଦିକୁନ୍ଦା ଛକ ପଟରୁ ଏକ ପିକ୍ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସି ପ୍ରଥମେ ବସର ଆଗପଟକୁ ଧକ୍କା ଦେବା ପରେ ବସ୍ ନିକଟରେ ଠିଆ ହୋଇଥିବା ତ୍ରିଲୋଚନଙ୍କୁ ଧକ୍କା ଦେଇଥିଲା। ପରେ ଭାରସାମ୍ୟ ହରାଇ ନିକଟସ୍ଥ ଏକ ପାଚେରୀରେ ପିଟି ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ପିକଅପ୍ ଭ୍ୟାନ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ଘଟଣାର ତଦନ୍ତ ଫୁଲବାଣୀ ଟାଉନ୍ ଥାନା ପୁଲିସ୍ ଆରମ୍ଭ କରିଛି।

# ବିଜେପି ହୁମ୍ମା ମଣ୍ଡଳ ସଭାପତି ହେଲେ ଧ୍ରୁବ

ଗଞ୍ଜାମ,୮ ।୧(ସମିସ): ଗଞ୍ଜାମ ବ୍ଲକର ଯୁବ ବିଜେପି ନେତା ତଥା ହୁମ୍ମା ଗ୍ରାମ ପଞ୍ଚାୟତର ସମିତିସଭ୍ୟ ଧ୍ରୁବ ଚରଣ ପଲାଇ ଦ୍ୱିତୀୟ ଥର ପାଇଁ ହୁମ୍ମା ମଣ୍ଡଳ ସଭାପତି ଭାବେ ଚୟନ ହୋଇଛନ୍ତି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହି ଓ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ତାଙ୍କର ବଳିଷ୍ଠ ନେତୃତ୍ୱ ଓ କାର୍ଯ୍ୟଦକ୍ଷତାକୁ ପାଥେୟ କରି ସେ ହୁମ୍ମା ପଞ୍ଚାୟତରେ ଅନେକ ଜନ କଲ୍ୟାଣକାରୀ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ବିଭିନ୍ନ ସମୟରେ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି। ଫଳରେ ସେ ଦ୍ୱିତୀୟ ଥର ମଣ୍ଡଳ ସଭାପତି ଭାବେ ଚୟନ ହେବାପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଆସିକାରେ ଆତ୍ମରକ୍ଷା ତାଲିମ ଶିବିର

ଆସିକା,୮ ।୧(ସମିସ): ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀ। ଆତ୍ମରକ୍ଷା କମିଟିର ସଂଯୋଜିକା ଅଧ୍ୟାପିକା ସୁଶ୍ରୀ ମିନତି ବେହେରା ମଞ୍ଚାସିନ ଅତିଥି ମାନଙ୍କ ପରିଚୟ ଉପସ୍ଥାପନା କରିଥିଲେ। ମୁଖ୍ୟ ଅତିଥି ରୂପେ ଆସିକା ବ୍ଲକର ଶିଶୁ ବିକାଶ ଯୋଜନା ଅଧିକାରୀ ଇନ୍ଦିରା ମହାପାତ୍ର, ମୁଖ୍ୟବକ୍ତା ଆସିକା କୋଟିନଡ଼ା ଥାନା ଭାରପ୍ରାପ୍ତ ଆରକ୍ଷୀ ଅଧିକାରୀ ଦିପୀକା ରାୟ ଏବଂ ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ସହ ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ଏନ୍. ଲିଜା ପାତ୍ର ଏବଂ ଶୀବାନୀ ମହାରଣା ଆତ୍ମସୁରକ୍ଷା ବଳୟର କେତୋଟି ନିସ୍ୱକ ଭଙ୍ଗିମା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ସେଇଲ୍ କୁମାରୀ ଝା, କୁନିକା ଦାଶ, ମାଧୁରୀ ହେମ୍ବ୍ରମ, ତୁନମୁନ୍ ମହାନ୍ତି ଏବଂ ରଶ୍ମିପ୍ରିୟା କାଲୋଙ୍କ ସହଯୋଗ କରିଥିଲେ।

**କୁକୁଡାଖଣ୍ଡି:** କୁକୁଡାଖଣ୍ଡି ସ୍ଥିତ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଅଧ୍ୟକ୍ଷ ବିଭୁ ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁଶାନ୍ତ ଦାସ (ଉପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ, ବ୍ରହ୍ମପୁର) ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ସେଠୀ (ଆଞ୍ଚଳିକ ନିର୍ଦ୍ଦେଶକ, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ, ବ୍ରହ୍ମପୁର), ଶ୍ରୀକାନ୍ତ ପଟ୍ଟନାୟକ(ଅଧ୍ୟାପକ ଇଂରାଜୀ ବିଭାଗ) ମୁଖ୍ୟବକ୍ତା ଭାବେ ଶେଷଦେବ ସାହୁ (ପୂର୍ବତନ ଅଧ୍ୟକ୍ଷ) ମୁଖ୍ୟ ପ୍ରଶିକ୍ଷଣ ଶ୍ରୀମତି ଉଷାରାଣୀ ପାତ୍ର ସହ ନୋଡାଲ ଅଫିସର ଶିବାନୀ ମିଶ୍ର (ଅଧ୍ୟାପକ, ଇତିହାସ ବିଭାଗ) ମଞ୍ଚସ୍ଥ ରହିଥିଲେ। ଇତିଶ୍ରୀ ବେହେରା ମଞ୍ଚ ପରିଚାଳନା କରିଥିଲେ। ରାଜେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# କାୟାକଳ୍ପ ଟିମର ଗ୍ରେସିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ଜି.ଉଦୟଗିରି,୮ ।୧(ସମିସ): କନ୍ଧମାଳ ଜିଲ୍ଲା ଗ୍ରେସିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛି ରାଜ୍ୟସ୍ତରୀୟ କାୟା କଳ୍ପ ଟିମ୍। ଡାକ୍ତରଖାନାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ସମସ୍ତ ୱାର୍ଡ ଓ ପରିସର ବୁଲି ଦେଖିଥିଲେ।ଏହି ଟିମ୍‌ରେ ଡ.ଅଞ୍ଜନା ପଣ୍ଡା, ଡ.ବୀଣାପାଣି ପତି ଓ ଡ.ଲିପ୍ସା ଷଡଙ୍ଗୀ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜି.ଉଦୟଗିରି ମେଡିକାଲ ଅଫିସର ଡା.ରତିକାନ୍ତ ସାହୁ ଙ୍କ ସହ ଡା.କୌଷ୍ଟଭ ରାଉତ, ରାଜ କିଶୋର ସାହୁ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଫିରିଙ୍ଗିଆ,୮ ।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ଶିବିରରେ ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷା ନମିତା କହଁର ଶିବିରକୁ ଉଦଘାଟନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଫିରିଙ୍ଗିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପି ପଦ୍ମା, ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ମୁଖ୍ୟ ଅକ୍ଷୟ କୁମାର ପଣ୍ଡା ଯୋଗ ଦେଇଥିଲେ। ଫିରିଙ୍ଗିଆ ବ୍ଲକ ଅଧୀନସ୍ଥ ସମୁଦାୟ ୨୪ ପଞ୍ଚାୟତର ୪୧୭ ଜଣ ପଞ୍ଜୀକରଣ କରିଥିବା ବେଳେ ୧୧୯ ଜଣ ଭିନ୍ନକ୍ଷମ ଚିହ୍ନଟ ହୋଇଥଲେ। ସିକିଲ ସେଲ ବିଭାଗରେ ୧୯ ଜଣ, ମାନସିକ ଅନଗ୍ରସର ବିଭାଗରେ ୪୩ , ଚକ୍ଷୁ ବିଭାଗରେ ୫୨ ଜଣ , ଅସ୍ତିଶଲ୍ୟ ବିଭାଗରେ ୨୩୫ ଜଣ, ଶିଶୁ ରୋଗ ବିଭାଗରେ ୧୨ ଜଣ ପଞ୍ଜିକରଣ କରିଥିଲେ। କାର୍ଯ୍ୟକ୍ରମରେ ୨ ଜଣଙ୍କୁ ୩ ଚକିଆ ସାଇକଲ, ୩ ଜଣଙ୍କୁ ହୁଇଲ ଚେୟାର, ଜଣକୁ ଆଶାବାଡ଼ି ଏବଂ ଜଣକୁ ଶ୍ରାବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡା.ଦେବଜିତ ଦଶ, ଡା.ଜୟଦୀପ ଘୋଷ, ଡା.ଉତ୍କଳ ବେହେରା, ଡା. ସତ୍ୟବ୍ରତ ସାହୁ, ଡା.ନିର୍ମଳ ଚନ୍ଦ୍ର ବିଶୋଇ ଓ ଡା.ବସନ୍ତ ପଲାଇ ଯୋଗ ଦେଇ ଚିକିତ୍ସା କରିବା ସହ ଭିନ୍ନକ୍ଷମଙ୍କୁ ଔଷଧ ପ୍ରଦାନ ସହ ପ୍ରମାଣପତ୍ର ପାଇଁ ବ୍ୟବସ୍ଥା କରିଥିଲେ।

# ଅସହାୟ ପରିବାରକୁ ଆର୍ଥିକ ସହାୟତା



ଛତ୍ରପୁର,୮ ।୧(ସମିସ): ଛତ୍ରପୁର ଏନ୍ଏସି ଅନ୍ତର୍ଗତ ୧୩ ଓ ୫ ନଂ ୱାର୍ଡର ଦୁଇ ଗରିବ ଓ ଅସହାୟ ପରିବାରକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ୧୩ ନଂ ୱାର୍ଡର ପୂଜା ରାଉଳଙ୍କ ହୃଦଜନିତ ରୋଗର ଉଚ୍ଚ ଚିକିତ୍ସା ପାଇଁ ବିଧାୟକ ୩୦ ହଜାର ଟଙ୍କା ସହାୟତା କରିଥିବା ବେଳେ ୫ ନଂ ୱାର୍ଡର ପ୍ରସନ୍ନ କୁମାର ବେହେରାଙ୍କ ଅକାଳ ବିୟୋଗରେ ଘଟିଥିବାରୁ ତାଙ୍କରି ଗରିବ ପତ୍ନୀ ନମିତା ବେହେରାଙ୍କୁ ୧୦ ହଜାର ଟଙ୍କା ସହାୟତା କରିଛନ୍ତି। ସହାୟତା ରାଶି ପ୍ରଦାନ ବେଳେ ୧୩ ନଂ କାଉନସିଲର ସୁମନ୍ତ ନାହାକ, ବରିଷ୍ଠ ବିଜେପି ନେତା ରୁଇନା ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପଣ୍ଡା, ବନୋଜ କୁମାର ନାହାକ, ସନ୍ତୋଷ କୁମାର ସେଠୀ, ଜି.ମନୋଜ ରେଡ୍ଡୀ, ଡି.ସୁରେଶ ରେଡ୍ଡୀ, ମାଗୁଣି ବିଷୋୟୀ, ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜି.ଉଦୟଗିରିରେ ଅସହ୍ୟ ଶୀତ

ଜି.ଉଦୟଗିରି,୮ ।୧(ସମିସ): ଦୁଇ ଦିନ ପରେ ପୁଣି ଥରେ ଶୀତଳତମ ସହର ଜି. ଉଦୟଗିରିର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ପହଞ୍ଚିଛି। ବୁଧବାର ସର୍ବନିମ୍ନ ତାପମାତ୍ରା ୭.୫ ରହିଥିବା କୃଷି ଗବେଷଣା କେନ୍ଦ୍ର ତରଫରୁ ରେକର୍ଡ କରାଯାଇଛି। ଫଳରେ ପୁଣି ଥରେ ଅସହଁ ଶୀତ ଅନୁଭୂତ ହେଉଛି। ସକାଳୁ ୧୦ଟା ପୂର୍ବରୁ ଏବଂ ରାତି ୭ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ଶୀତ ରକ୍ଷା ପାଇବା ପାଇଁ ଲୋକେ ପୁଣି ଥରେ ନିଆଁର ଆଶ୍ରୟ ନେଇଥିବା ବେଳେ ଖରାରେ ଠିଆ ହୋଇ ରହୁଥିବା ଦେଖିବାକୁ ମିଳିଛି। ତେଣୁ ରାଜ୍ୟରେ ସବୁଠାରୁ ଶୀତଳତମ ସହରରେ ଭାବେ ଜି. ଉଦୟଗିରିରେ ଶୀତ ମହୋତ୍ସବ ଆୟୋଜନ ପାଇଁ ଦାବି ହେଉଛି।

**'ମଙ୍ଗୁ ମାଷ୍ଟର୍ ମେମୋରିଆଲ ଟ୍ରଷ୍ଟ'ର ପ୍ରୋତ୍ସାହନ ରାଶି**

# ୪ ବର୍ଷ ଧରି ବୃତ୍ତିରୁ ବଞ୍ଚିତ ମେଧାବୀ ଛାତ୍ର

ବ୍ରହ୍ମପୁର,୮ ।୧(ସମିସ):



ସାଧାରଣତଃ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସ୍ମୃତିରେ ଟ୍ରଷ୍ଟ ଗଠିତ ହୋଇଥାଏ। ଟ୍ରଷ୍ଟ ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ହାତକୁ ନେଇ ଉକ୍ତ ବ୍ୟକ୍ତିଙ୍କ ସ୍ମୃତିକୁ ଉଦ୍‌ଜିବିତ କରାଯାଇଥାଏ। ଏହି କ୍ରମରେ କିଛିବର୍ଷ ପୂର୍ବେ ସହରର ଅନ୍ୟତମ ପୁରାତନ ବିଦ୍ୟାଳୟ ସିଟି ହାଇସ୍କୁଲରେ 'ମଙ୍ଗୁ ମାଷ୍ଟର ମେମୋରିଆଲ ଟ୍ରଷ୍ଟ' ଗଠିତ ହୋଇଥିଲା। ବିଦ୍ୟାଳୟର କିଛି ପୁରାତନ ଛାତ୍ରଙ୍କ ଦ୍ୱାରା ଏହି ଟ୍ରଷ୍ଟ ଗଠନ କରାଯାଇଥିଲା। ହାଇସ୍କୁଲର ଗରିବ ମେଧାବୀ ଛାତ୍ରଙ୍କୁ ଟ୍ରଷ୍ଟ ଦ୍ୱାରା ବାର୍ଷିକ ବୃତ୍ତି ପ୍ରଦାନ କରିବା ଲକ୍ଷ୍ୟ ରହିଥିଲା। ଟ୍ରଷ୍ଟରେ ଅନ୍ୟୁନ ୧୫ଲକ୍ଷ ଟଙ୍କା ସଞ୍ଚୟ ରହିଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉଦାସିନତା କାରଣରୁ ଦୀର୍ଘ ୪ବର୍ଷ ଧରି ଛାତ୍ରମାନେ ଉକ୍ତ ବୃତ୍ତି ପାଇବାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ବିଦ୍ୟାର୍ଥୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଟ୍ରଷ୍ଟ ସଦସ୍ୟଙ୍କୁ ଡାକି ଟଙ୍କା ବିନିଯୋଗ କିମ୍ବା ବୃତ୍ତି ପ୍ରଦାନ ଦିଗରେ ଉଦ୍ୟମ କରିନଥିବା ମଧ୍ୟ ଅଭିଯୋଗ ହୋଇଛି। ଯାହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ୨୦୧୯ ମସିହାରେ ସିଟି ହାଇସ୍କୁଲରେ ଅଧ୍ୟୟନ କରୁଥିବା ଗରିବ ମେଧାବୀ ଛାତ୍ରଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଲକ୍ଷ୍ୟରେ 'ମଙ୍ଗୁ ମାଷ୍ଟର ମେମୋରଆଲ ଟ୍ରଷ୍ଟ' ଗଠନ କରାଯାଇଥିଲା। ଏହି ବିଦ୍ୟାଳୟର ପୁରାତନ ଛାତ୍ର ଏଚ. ନିରଞ୍ଜନଙ୍କ ସତେମ ଅନ୍ୟକିଛି ଛାତ୍ର ମିଶି ଏହି ଟ୍ରଷ୍ଟ ଗଠନ କରିବା ସହ ଟ୍ରଷ୍ଟ ନାମରେ ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲି ସେଥିରେ ୧୦ଲକ୍ଷ ଟଙ୍କାର ସ୍ଥାୟୀ ଜମା ରଖିଥିଲେ। ବର୍ତ୍ତମାନ ଟ୍ରଷ୍ଟର ଆକାଉଣ୍ଟରେ ଥିବା ଟଙ୍କା ବୃଦ୍ଧି ହୋଇ ପାଖାପାଖି ୧୫ଲକ୍ଷରେ ପହଞ୍ଚି ସାରିଥିବା ଜଣାପଡ଼ିଛି। ସ୍ଥାୟୀ ଜମାରୁ ମିଳୁଥିବା ସୁଧ ଅର୍ଥରେ ପ୍ରତିବର୍ଷ ୫ରୁ ୬ଜଣ ଗରିବ ମେଧାବୀ ବିଦ୍ୟାର୍ଥୀଙ୍କୁ ମାସିକ ୧୦୦୦ଟଙ୍କା ଲେଖାଏଁ ଆର୍ଥିକ ସହାୟତା ତଥା ବୃତ୍ତି ପ୍ରଦାନ କରାଯିବ ବୋଲି ସେତେବେଳେ ନିଷ୍ପତ୍ତି ହୋଇଥିଲା। ପ୍ରଥମବର୍ଷ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୂର୍ବରୁ ମନୋନୀତ ୬ଜଣ ଗରିବ ବିଦ୍ୟାର୍ଥୀ(୯୦ପ୍ରତିଶତରୁ ଅଧିକ ମାର୍କ ରଖିଥିବା)ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କିନ୍ତୁ କରୋନା ମହାମାରୀ ଆସିବା ପରେ ବିଦ୍ୟାଳୟରେ ଉତ୍ସବ ବନ୍ଦ ହୋଇଯିବାରୁ ଟ୍ରଷ୍ଟ ଦ୍ୱାରା ବିଦ୍ୟାର୍ଥୀଙ୍କୁ ଉକ୍ତ ବୃତ୍ତି ପ୍ରଦାନ କରାଯାଇ ପାରିନଥିଲା। ସେହିଦିନ ଠାରୁ କୌଣସି କାରଣକୁ ନେଇ 'ମଙ୍ଗୁ ମାଷ୍ଟର ମେମୋରିଆଲ ଟ୍ରଷ୍ଟ' ଅଚଳ ହୋଇପଡ଼ିଛି। ଫଳରେ ୪ବର୍ଷ ଧରି ଉକ୍ତ ଟ୍ରଷ୍ଟ ଜରିଆରେ କୌଣସି ବିଦ୍ୟାର୍ଥୀଙ୍କୁ ବୃତ୍ତି ପ୍ରଦାନ କରାଯାଇନାହିଁ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝିଙ୍କୁ ପଚରାଯିବାରେ ସେ କହିଛନ୍ତି ଯେ, ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ଅମଳରେ ଏହି ଟ୍ରଷ୍ଟ ଗଠନ ହୋଇଥିବା ବେଳେ ଟ୍ରଷ୍ଟର ସମସ୍ତ ଟଙ୍କା ବ୍ୟାଙ୍କରେ ଜମା ରହିଛି। ଟ୍ରଷ୍ଟର ଦାୟିତ୍ୱ ତାଙ୍କୁ ହସ୍ତାନ୍ତର କରାଯାଇନାହିଁ ତେଣୁ ବିଦ୍ୟାର୍ଥୀଙ୍କୁ ବୃତ୍ତି ପ୍ରଦାନ କରାଯାଇପାରୁ ନଥିବା ସେ କହିଛନ୍ତି। ଅନ୍ୟପକ୍ଷରେ 'ମଙ୍ଗୁ ମାଷ୍ଟର ମେମୋରିଆଲ ଟ୍ରଷ୍ଟ' ଅଚଳ କାରଣରୁ ବହୁ ଗରିବ ମେଧାବୀ ଛାତ୍ର ବୃତ୍ତିରୁ ବଞ୍ଚିତ ହେଉଛନ୍ତି। ତେଣୁ ଏଥିପ୍ରତି ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଗୋପାଳପୁର କଲେଜରେ ଆଇକ୍ୟୁଏସିର ପାଠଚକ୍ର




ବ୍ରହ୍ମପୁର,୮ ।୧(ସମିସ): ଗୋପାଳପୁର କଲେଜରେ ଆଇକ୍ୟୁଏସି ପକ୍ଷରୁ ବୁଦ୍ଧିମତା ସମ୍ପତି ଅଧିକାର ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ.ରାମ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ଚରଣ ପଟ୍ଟନାୟକ ଯୋଗଦେଇ ଜ୍ଞାନବୃଦ୍ଧି କରିବା ସଙ୍ଗେ ସଙ୍ଗେ ଠକାମିର ଶିକାର ନହେବାକୁ ପରାମର୍ଶ ଦେଇଥିଲେ। ଆଇକ୍ୟୁଏସିର ସଂଯୋଜକ ଡ.ମନୋଜ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓକିଲ ବିରଞ୍ଚି ନାରାୟଣ ମହାପାତ୍ର, କିଶୋର କୁମାର ବେହେରା ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ସହ ନିଜର ବ୍ୟକ୍ତିତ୍ୱ ଗଢ଼ିବା ପାଇଁ ଆହ୍ୱାନ କରିଥିଲେ। ଅଧ୍ୟାପିକା ଅପରାଜିତା ପାଣ୍ଡେ ପରିଚାଳନା କରିଥିଲେ। ଯୁବ ରେଡକ୍ରସ୍ ଉପଦେଷ୍ଟା ଡ଼ଃ ରାମ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରବାସୀ ଭାରତୀୟ ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ରଙ୍ଗୋଲି ପାଠଚକ୍ର ଓ ଆତ୍ମରକ୍ଷା କୌଶଳ ବିଷୟରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ ଡ଼. ଗିରିଶ ଚନ୍ଦ୍ର ବେହେରା ଡ଼. ପ୍ରଦୀପ୍ତ ପଟ୍ଟନାୟକ, ଡ଼. ନିହାରିକା ପାଢ଼ୀ, ଆଶିଷ କୁମାର ସିଂହ, ଯୋଗେନ୍ଦ୍ର ସାହୁ, ରବୀନ୍ଦ୍ର କୁମାର ନାୟକ, ଜି.ଗଜପତି ରାଓ, ସନ୍ତୋଷ କୁମାର ବେହେରା, ସୁନୀତା ଷଡ଼ଙ୍ଗୀ, ଏସ୍. ରୂପଲକ୍ଷ୍ମୀ ପ୍ରମୁଖ ସହଯୋଗ କରିଥିଲେ।

## ସୋରଡ଼ାକୁ ଗଡ଼ିଲା ସରକାରୀ ଏସି ବସ୍

**ସୋରଡ଼ା,୮ ।୧(ସମିସ):** ନୂଆଁ ବର୍ଷରେ ନୂଆ ଉପହାର ଦେଲେ ସରକାର ସୋରଡ଼ାକୁ ଗଡ଼ିଲା ସରକାରୀ ଏସି ବସ। ୭ ତାରିଖରୁ ଆନୁଷ୍ଠାନିକ ଭାବେ ସିଧାସଳଖ ରାଜ୍ୟ ରାଜଧାନୀରୁ ସୋରଡ଼ା ବ୍ଲକକୁ ୨/୨ ଶୀତତାପ ନିୟନ୍ତ୍ରିତ ସରକାରୀ ବସ ସେବା ଆରମ୍ଭ ହୋଇଛି। ଗତ କିଛି ବର୍ଷ ହେବ ଅଞ୍ଚଳର ଯାତ୍ରୀ ମାନଙ୍କ ସମସ୍ୟା ଓ ଅସୁବିଧାକୁ ଭିତ୍ତିକରି ଏକ ଖବର ପ୍ରସାରଣ ହୋଇଥିଲା। ଏବଂ ଯାହାକି ଫଳ ସ୍ୱରୂପ ସରକାର ଗୋଟିଏ ସାଧାରଣ ବସ ଯୋଗାଇଥିଲେ ଏବଂ ଯାତ୍ରୀ ମାନଙ୍କ ଭିଡ଼ ଓ ଭଲ ବ୍ୟବସାୟ ହେତୁ ଆଜି ଏହି ସଫଳତା ଦେଖିବାକୁ ମିଳିଛି। ଏହି ବସ ସେବାଟି ନିର୍ଦ୍ଧାରିତ ସୂଚୀ ମୁତାବକ କଟକ ଠାରୁ ଆସି ଭୁବନେଶ୍ୱରରୁ ଛାଡିବ ପ୍ରତ୍ୟହ ସକାଳ ୭ଘଣ୍ଟ ସମୟରେ ବାହାରି ନୟାଗଡ଼, ଭଞ୍ଜନଗର ଦେଇ ବଡଗଡ଼ ପହଞ୍ଚିବା ସମୟ ଅପରାହ୍ନ ୩.୨୦ ଓ ପୁଣି ପ୍ରତ୍ୟାଗମନ, ବଡଗଡ଼ରୁ ରାତ୍ର ଘ ୯.୩୦ ମିରେ ବାହାରି ସୋରଡାରୁ ରାତ୍ର ଘ୧୦.୫ମିରେ ଓ ଭୁବନେଶ୍ୱର ଭୋର ୬.୦୦ ସମୟରେ ପହଞ୍ଚିବ। ଉପଯୁକ୍ତ ସମୟ ସାରଣୀ ସହିତ ଦିନ ସାରାର କାର୍ଯ୍ୟ ସାରି ବିଳମ୍ବିତ ରାତିରେ ଯାତ୍ରା ପାଇଁ ସୁବିଧା ମିଳିବା ଓ କମ ଖର୍ଚ୍ଚରେ ବିପଦ ମୁକ୍ତ, ସୁଖଦ ଯାତ୍ରା ପାଇଁ ରାଜ୍ୟ ପରିବହନ ବହନ ବିଭାଗ ଯୋଗାଇ ଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇବା ସହ ରାଜ୍ୟ ସରକାର ତଥା ଜିଲ୍ଲାର ମନ୍ତ୍ରୀ ବିଭୂତି ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମହିଳା କଲେଜରେ ଆତ୍ମରକ୍ଷା ଶିବିର

**ସୋରଡା,୮ ।୧(ସମିସ):** ସୋରଡା ସ୍ଥିତ ପ୍ରକାଶ ଚନ୍ଦ୍ର ମହିଳା ଉଚ୍ଚ ବିଦ୍ୟାଳୟ ପରିସରରେ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷା ସଂଯୁକ୍ତା ପଣ୍ଡା ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସରକାର ମହିଳା ମାନଙ୍କ ସଂରକ୍ଷଣ ବ୍ୟବସ୍ଥା ପାଇଁ ଏହା ଅତ୍ୟନ୍ତ ଉପାଦେୟ ବୋଲି କହିଛନ୍ତି। କର୍ମଶାଳାରେ ୧୯୨ ଜଣ ପ୍ରଶିକ୍ଷିତା ଚାରିଗୋଟି ଗ୍ରୁପରେ ବିଭକ୍ତ ହୋଇ ମାଷ୍ଟର ଟ୍ରେନର କାଜଲ ବେହେରା, ସୁଶ୍ରୀ ଜସ୍ମିତା ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷିତ ହୋଇଛନ୍ତି। ଅଧ୍ୟାପିକା ଏଲିଜା ପଟ୍ଟନାୟକ, କିରଣୀ ନିନା ପାତ୍ରଙ୍କ ସହ ରାଜନୀତି ବିଜ୍ଞାନ ଅଧ୍ୟାପକ ଜଗଦୀଶ ପାତ୍ର, ଇଂରାଜୀ ଅଧ୍ୟାପକ ରୋହିତ କୁମାର ବିଶୋୟୀ ,ଇତିହାସ ଅଧ୍ୟାପକ ରାକେଶ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଅନ୍ୟ କର୍ମଚାରୀ ଗୋପାଳ କୃଷ୍ଣ ଦାସ, ସୁଶ୍ରୀ ପ୍ରଣତି ମହାରଣା, ନିରଞ୍ଜନ ଅପଣ୍ଡିତ, ସୁଶ୍ରୀପୂଜା ସ୍ୱାଇଁ, ପ୍ରତାପ ପଟ୍ଟନାୟକ, ଜୟରାମ ଗୌଡ଼, ମହେନ୍ଦ୍ର ପାଢ଼ୀ, ବିନୋଦ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ। ସଂଯୋଜିକା ସସ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଳ ଗଦାରେ ଲାଗିଲା ନିଆଁ



**ଛତ୍ରପୁର,୮ ।୧(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ସିଂଗିପୁର ଗାଁରେ ପାଳ ଗଦାରେ ନିଆଁ ଲାଗି ଯାଇଥିଲା। ଛତ୍ରପୁର ଅଗ୍ନିଶମ କର୍ମଚାରୀ ମାନେ ସଠିକ ସମୟରେ ପହଁଚି ନିଆଁକୁ ଆୟତ୍ତ କରିବା ସହିତ ନିଆଁ ଲିଭାଇଛନ୍ତି।

**ଅଳ୍ପକେ ବର୍ତ୍ତିଲା ବହୁ ଧାନ ଗଦା**

ଯାହାଫଳ ଅନେକ ଧାନ ଗଦା ବର୍ତ୍ତିଲା, ନଚେତ ବହୁ ଚାଷୀଙ୍କ ଫସଲ ଧାନ ପୋଡି ନଷ୍ଟ ହୋଇଯାଇଥାନ୍ତା। ବୁଧବାର ଅପରାହ୍ନରେ ଛତ୍ରପୁର ବ୍ଲକ ଅନ୍ତର୍ଗତ ସିଂଗିପୁର ଗ୍ରାମର ଏକ ପାଳ ଗଦା କୋଣସି କାରଣରୁ ହଠାତ ନିଆଁ ଲାଗିଯାଇଥିଲା। ଫଳରେ ଅଞ୍ଚଳର ଚାଷୀ ବହୁତ ଭୟଭିତ ଅବସ୍ଥାରେ ରହିଥିବା ବେଳେ ଛତ୍ରପୁର ଫାୟାର ବିଭାଗ ଗାଡି ଏବଂ କର୍ମଚାରୀ ମାନେ ସଠିକ ସମୟରେ ପହଁଚି ନିଆଁକୁ ଆୟତ୍ତ କରିଥିଲେ।

## କୃଷି ସଚେତନତା ରଥ ଶୁଭାରମ୍ଭ




**ଛତ୍ରପୁର,୮ ।୧(ସମିସ):** ଛତ୍ରପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଏକ କୃଷି ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଏହାକୁ ଛତ୍ରପୁର କୃଷି ଜିଲ୍ଲା ଅଧିକାରୀ କୁଳମଣି ବାରିକ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଏହି କୃଷି ରଥ ୫ଦିନ ଧରି ଛତ୍ରପୁର ବ୍ଲକର ସମସ୍ତ ପଞ୍ଚାୟତ ବୁଲି ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ପ୍ରଣୀତ ସମସ୍ତ ଯୋଜନାକୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ଚାଷୀଙ୍କୁ ସଚେତନତା କରାଇବ। କାର୍ଯ୍ୟକ୍ରମରେ ଗୋଷ୍ଠୀ କୃଷି ଅଧିକାରୀ ଚୌଧୁରୀ ସନମାର୍ଗ କର, କୃଷି ଅଧିଦର୍ଶକ ଦୁର୍ଗା ପ୍ରସାଦ ପ୍ରଧାନ, ନୁନୁ ସେଠୀ, ଗ୍ରାମ୍ୟ କୃଷି କର୍ମଚାରୀ ବୈରାଗୀ ସ୍ୱାଇଁ, ମୌସୁମୀ ବେହେରା, ନିହାରିକା ପଣ୍ଡା, ରୋଜାଲିନ ପାତ୍ର, ବିଟିଏମ ସ୍ମୃତି ସ୍ମରଣିକା ସାହୁ, ଏଟିଏମ ଗୋପୀନାଥ ଦାସ ଓ ସୋନାଲି ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ଗଞ୍ଜାମ ଜିଲ୍ଲାରେ ଧାନକିଣା ପ୍ରକ୍ରିୟା ମନ୍ଥର**

# ୬ ଦିନରେ ମାତ୍ର ୩୬୩ କ୍ୱିଣ୍ଟାଲ୍ ସଂଗ୍ରହ

**ଛତ୍ରପୁର,୮ ।୧(ସମିସ)**

ଗଞ୍ଜାମ ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଧିମା ଚାଲିଛି । ଅଦିନିଆ ବର୍ଷା କାରଣରୁ ଚଳିତ ମାସ ୩ରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆଜିକୁ ୬ଦିନ ବିତିଯାଇଥିଲେ ସୁଦ୍ଧା ଜିଲାର ମାତ୍ର ୬ଜଣ ଚାଷୀଙ୍କ ଠାରୁ ୩୬୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ଦୁଇ ଜଣ ଚାଷୀଙ୍କ ସେମାନଙ୍କ ପ୍ରାପ୍ୟ ମିଳିଯାଇଥିବା ଜଣାପଡିଛି। ଜିଲ୍ଲାରେ ୪୭୮ ସୋସାଇଟ ଚଳିତ ବର୍ଷ ଧାନ କିଣାରେ ସାମିଲ ହୋଇଛନ୍ତି। ସେଥିମଧ୍ୟରୁ ୩୬୬ ସେବା ସମବାୟ ସମିତି, ୧୧୧ଟି ସ୍ୱୟଂସହାୟକ ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ଚଳିତ ଥରଏହି ଧାନ କିଣା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି । ବହୁ ସ୍ଥାନରେ ମଣ୍ଡି ଖୋଲାଯାଇଥିବା ବେଳେ ସେମାନଙ୍କୁ କେଉଁ ମିଲର ଧାନ ଉଠାଇବ ଏବଂ କେତେ ଟାର୍ଗେଟ ଆସିଛି ତାହା ଏଯାବତ ସ୍ଥିର ହୋଇନଥିବା ଚାଷୀ ନେତା ସିମାଟଂଳ ନାହାକ ଓ ନୀଳକଣ୍ଠ ଦାଶ ସୂଚନା ଦେଇଛନ୍ତି। ଏହା ସହିତ ବହୁ ସ୍ଥାନରେ ମଣ୍ଡି ଖୋଲାଯାଇନଥିବା ସେମାନେ କହିଥିଲେ। ପ୍ରଶାସନ ପକ୍ଷରୁ କେବଳ ମଣ୍ଡି ଉଦଘାଟନ କରିଦେଇଛନ୍ତି କିନ୍ତୁ ଏବେବି ସେମାନଙ୍କୁ ଟାର୍ଗେଟ ଆସିନଥିବାରୁ ମଣ୍ଡିରେ ଏବେ ବି ଧାନ ଗଦା ହୋଇରଖାଯାଇଛି। ଏନେଇ କିଛି ସୋସାଇଟ ସେକ୍ରେଟାରୀକୁ ପଚାରିବାରେ କୌଣସି ମିଲର ସହ ଟେଗ ହୋଇନାହିଁ କିନ୍ତୁ ସୋସାଇଟ ଗୁଡିକରେ ଚାଷୀ ଧାନ ଆଣି ରଖିଛନ୍ତି ଉକ୍ତ ଧାନ ବସ୍ତାକୁ ତମ୍ବୁଟାଣି ରଖୁଥିବା ସେମାନେ କହିଥିଲେ। ସେହିପରି ବଡ଼ମାଧପୁର ପଞ୍ଚାୟତ ଗୋବା ରେ ମଧ୍ୟ ସମାନ ଅବସ୍ଥା, ମଣ୍ଡି ଉଦଘାଟନ ହୋଇଯାଇଛି କିନ୍ତୁ ଟାର୍ଗେଟ କିମ୍ବା କେଉଁ ମିଲର ଧାନ ଉଠାଇବ ଟେଗ କରାଯାଇନଥିବା କହିଥିଲେ। କେବଳ ଛତ୍ରପୁର ବ୍ଲକ ନୁହେଁ ଜିଲାରେ ଏବେ ସମସ୍ତ ବ୍ଲକରେ ଏହି ଅବସ୍ଥା ଦେଖିବାକୁ ମିଳିଛି।



କେଉଁ ସୋସାଇଟି ସହ କେଉଁ ମିଲର ଟେଗ ହେବ ତାହା ସ୍ଥିର ହୋଇନଥିବା ବେଳେ ଏବେବି ଧାନ କିଣା ପ୍ରକ୍ରିୟା ଅଚଳାବସ୍ଥା ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ଗଞ୍ଜାମ ଗ୍ରସ୍ତ ସମୟରେ ଧାନର ମାନ କୋହଳ କରାଯିବ ବୋଲି କହିଥିଲେ କିନ୍ତୁ ସରକାର ଏଫଏକ୍ୟୁ ଧାନ କୋହଳ କରାଯିବ କି ନାହିଁ କୌଣସି ଚିଠି ଆସିନଥିବା ଚାଷୀ ନେତା ସିମାଟଂଳ ନାହାକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଏହାର ସୁଯୋଗ ନେଉଛନ୍ତି ଏବେ ଦଲାଲ। ଶାଗମାଛ ଦରରେ ଚାଷୀଙ୍କ ଠାରୁ ଧାନ କିଣି ନେଉଥିବା ଦେଖିବାକୁ ମିଳୁଛି। ଫଳରେ ପଞ୍ଜିକରଣ କରିଥିବା ଚାଷୀ ସରକାରୀ ମଣ୍ଡିରେ ଶତପ୍ରତିଶତ ବିକ୍ରି କରିବା ଅସମ୍ଭବ ହୋଇଯିବ।

ଜିଲାକୁ ୧ ଲକ୍ଷ ୫୯ ହଜାର ୨୭୬ଟି ଟୋକେନ ଆସିଛି । ଚଳିତ ବର୍ଷ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ସେଟଲାଇଟ ସର୍ଭେ ପରେ ଏଯାବତ ୧ ଲକ୍ଷ ୪୪ ହଜାର ୨୯ ଜଣ ଚାଷୀ ସରକାରୀ ମଣ୍ଡି ରେ ଧାନ ବିକ୍ରି ପାଇଁ ଯୋଗ୍ୟ ହୋଇଛନ୍ତି । ଜିଲ୍ଲାକୁ ଚଳିତ ବର୍ଷ ଚାଉଳ ବାବଦକୁ ୩୦୦୨୭୮ ମେଟ୍ରିକ ଟନ ତଥା ୩୦ ଲକ୍ଷ ୨୭୮ କ୍ୱିଣ୍ଟାଲ ପ୍ରଥମ ପର୍ଯ୍ୟାୟରେ ଟାର୍ଗେଟ ଆସିଛି ଯାହାକି ଧାନ ବାବଦରେ ୪୪୮୧୭୬.୧୦ ମେଟ୍ରିକ ଟନ ତଥା ୪୪ ଲକ୍ଷ ୮୧ହଜାର ୭୬୧ କ୍ୱିଣ୍ଟାଲ।

## ବିଏସ୍ଏନ୍ଏଲ୍ ଟାୱାର କାର୍ଯ୍ୟକ୍ଷମ କେବେ?

**ଫିରିଙ୍ଗିଆ,୮।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ପବିଙ୍ଗିଆ ପଞ୍ଚାୟତର ଲାମପଦର ଗାଁରେ କୌଣସି ମୋବାଇଲ ସେବା ନ ଥିବାରୁ ଅଞ୍ଚଳ ବାସୀ ନେଟସେବାରୁ ବଞ୍ଚିତ ହେବା ସହ ମେଡିକାଲ ପାଇଁ ୧୦୮ ଆମ୍ବୁଲାନ୍ସ ସେବା ହେଉ, ପିଲାଙ୍କ ପାଠ ପଢା ହେଉ କି ଅନ୍ୟାନ୍ୟ ଅନଲାଇନ ସେବାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟାକୁ ନେଇ ଲାମପଦର ଗ୍ରାମବାସୀଙ୍କ ସହ ଅଞ୍ଚଳ ବାସୀ ବହୁ ବାର ବ୍ଲକ କାର୍ଯ୍ୟାଳୟ, ଜିଲ୍ଲାପାଳ ଏବଂ ବିଧାୟକ ଓ ସାଂସଦଙ୍କୁ ଲାମପଦରରେ ବିଏସଏନଏଲ ଟାୱାର ନିର୍ମାଣ ପାଇଁ ଲିଖିତ ଭାବେ ଜଣାଇଥିଲେ। ଏହାକୁ ଗୁରତ୍ୱ ଦେଇ ପ୍ରଶାସନ ତରଫରୁ ଲାମପଦର ଗାଁରେ



ବିଏସଏନଏଲ ଟାୱାର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୫ ବର୍ଷ ପୂର୍ବେ ଟାୱାର ନିର୍ମାଣ ଆରମ୍ଭ ହୋଇଥିବା ବେଳେ ତାହା ଏବେ ସମ୍ପୂର୍ଣ୍ଣ ହୋଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହେଉନାହିଁ। ଅଞ୍ଚଳରେ ପୂର୍ବ ଭଳି ସମସ୍ୟା ଭୋଗୁଛନ୍ତି ଅଞ୍ଚଳ ବାସୀ। ଯାହାକୁ ନେଇଁ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହି ଟାୱାରକୁ କାର୍ଯ୍ୟକ୍ଷମ କରି ଅଞ୍ଚଳରେ ସେବା ଯୋଗାଇ ଦେବାକୁ ସୁମିତ୍ରା କହଁର, ଜୟଦେବ ମଲିକ, ସଂଜୀବ କୁମାର ଦିଗାଲ,ଗୋରେଖି ଦିଗାଲ, ସାମନ୍ତ ଦିଗାଲ, ଲଳିତ ମୋହନ କହଁର ଓ ଲଛମନ କହଁରଙ୍କ ସହ ଅଞ୍ଚଳ ବାସୀ ଦାବି କରିଛନ୍ତି।

## କଳିଙ୍ଗାରେ ବିଏସ୍ଏନ୍ଏଲ୍ ସେବା ବିପର୍ଯ୍ୟସ୍ତ

**ଜି.ଉଦୟଗିରି,୮।୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗାରେ ଅଧିକାଂଶ ଲୋକ ବିଏସଏନଏଲ ସେବା ଉପରେ ନିର୍ଭରଶୀଳ ଥିବା ବେଳେ ବିଦ୍ୟୁତ ଯୋଗାଣ ପ୍ରଭାବିତ ହେବା ମାତ୍ରେ ନେଟୱାର୍କ ମଧ୍ୟ ଚାଲିଯାଉଛି ଏବଂ କେତେବେଳେ ଆସିବ ତାହାର କୌଣସି ସମୟ ରହୁନାହିଁ। ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ପଚାରିଲେ ଉତ୍ତର ମିଳୁଛି ବ୍ୟାଟେରୀ ଖରାପ ହୋଇଛି ଉପରିସ୍ଥ ଅଧିକାରୀଙ୍କୁ ଜଣାଅ। ଏଥି ନିମନ୍ତେ କଳିଙ୍ଗାବାସୀ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେବା ବିପର୍ଯ୍ୟସ୍ତ ହେଉଥିବାରୁ ମନି ଟ୍ରାନଜେକ୍ସନ ସହିତ, ବ୍ୟାଙ୍କ ସେବା, ପୋଷ୍ଟାଲ ସେବା, ଇଣ୍ଟରନେଟରେ ପିଲାଙ୍କ ପାଠପଢା ପ୍ରଭାବିତ ହୋଇଛି। ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ୟାର ସମାଧାନ କରାଯିବାକୁ ଦାବି ହେଉଛି।

## ଜାତୀୟ ବକ୍ସିଂ ଚାମ୍ପିଅନସିପରେ ଅମନଙ୍କ ସଫଳତା



**ବ୍ରହ୍ମପୁର,୮ ।୧(ସମିସ):** ଉତ୍ତର ପ୍ରଦେଶର ବରେଲି ଠାରେ ଆୟୋଜିତ ହୋଇଥିବା ୮ମ ଇଲାଇଟ ପୁରୁଷ ଜାତୀୟ ବକ୍ସିଂ ଚାମ୍ପିଆନସିପ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଓଡିଶାରୁ ପ୍ରତିନିଧିତ୍ୱ କରୁଥିବା ବ୍ରହ୍ମପୁରର ଅମନ ପାଢୀଙ୍କୁ ସଫଳତା ମିଳିଛି। ପ୍ରଥମ ମ୍ୟାଚରେ ଅମନ ପାଢୀ ତାମିଲନାଡୁର ମୁତାମିଜ ସେଲଭନ ଡି ଙ୍କୁ ୩ରାଉଣ୍ଡ ଖେଳରେ (୫-୦) ପଏଣ୍ଟ ବ୍ୟବଧାନରେ ସିଧାସଳଖ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି। ଦଳ ସହିତ ଅମନଙ୍କ କୋଚ ଶିବରାମ ପାତ୍ର ବରେଲି ଗସ୍ତ କରିଛନ୍ତି। ଅମନଙ୍କ ଉତ୍କୃଷ୍ଟ ଧରଣର ଖେଳ ପ୍ରଦର୍ଶନ ଯୋଗୁଁ ଗଞ୍ଜାମ ଜିଲ୍ଲା ବକ୍ସିଂ ସଂଘର ସମସ୍ତ କର୍ମକର୍ତ୍ତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କୋଚ ଶିବରାମ ପାତ୍ରଙ୍କ ଠାରୁ ପ୍ରଶିକ୍ଷଣ ନେଇ ଅମନ ଏହି ସଫଳତା ହାସଲ କରିଥିବା ବେଳେ ତାଙ୍କର ନିଷ୍ଠା ଓ ପରିଶ୍ରମ ଫଳରେ ସେ ଜାତୀୟ ପ୍ରତିଯୋଗିତାରେ ସଫଳତା ସହିତ ପଦକ ହାସଲ କରିବେ ବୋଲି ଶିବରାମ ପାତ୍ର ଆଶା ବ୍ୟକ୍ତ କରିଛନ୍ତି।

## ଜିଲ୍ଲାସ୍ତରୀୟ ସାଧାରଣନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ପାରଳାଖେମୁଣ୍ଡି,୮ ।୧(ସମିସ):** ଚଳିତ ବର୍ଷର ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ଗଜପତି ଷ୍ଟାଡିୟମ୍‌ରେ ପାଳିତ ହେବ। ଏଥିନେଇ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଡ଼.ଗୁଣନିଧି ନାଏକ ମଞ୍ଚାସୀନ ଥିଲେ। ଏଥିରେ ବିଭିନ୍ନ ବିଷୟ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଓଡ଼ିଶା ତୃତୀୟ ବାଟାଲିୟନ କମାଣ୍ଡାଣ୍ଟ ସୁବଳ ସୋରେନ, ସହକାରୀ, ରିଜର୍ଭ ଇନ୍ସପେକ୍ଟର ନିରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ସଂପୃକ୍ତ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟର ଶିକ୍ଷକ , ବ୍ୟାଙ୍କ ଶାଖା ପରିଚାଳକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗ ଦେଇ ଆଲୋଚନାରେ ମତାମତ ପ୍ରଦାନ କରିଥିଲେ ।

## ମେଧାବୃତ୍ତି ପରୀକ୍ଷାରେ ସଫଳତା



**କବିସୂର୍ଯ୍ୟନଗର,୮ ।୧(ସମିସ):** ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ସରକାରଙ୍କ ମେଧାବୃତ୍ତି ପରୀକ୍ଷାରେ କବିସୂର୍ଯ୍ୟନଗର ବରିଡା ଏ ଗ୍ରାମର ମାଳିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକକାଳୀନ ତିନିଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରି ସ୍କୁଲର ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ କବିସୂର୍ଯ୍ୟନଗର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛି ରୁପାଲୀ ମାଝୀ। ପଞ୍ଚମ ଶ୍ରେଣୀ ଗରିବ ମେଧାବୃତ୍ତି ପରୀକ୍ଷାରେ କବିସୂର୍ଯ୍ୟନଗର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛି ଛାତ୍ରୀ ସମିହା ସାହୁ। ତୃତୀୟ ଶ୍ରେଣୀ ଗରିବ ମେଧାବୃତ୍ତିରେ ଚତୁର୍ଥ ସ୍ଥାନ ଅଧିକାର କରିଛି ଛାତ୍ର ଆଦିତ୍ୟ ବେହେରା। ଏଥିପାଇଁ ସ୍କୁଲ ପ୍ରଧାନ ଶିକ୍ଷକ, ସହ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିଭାବକ ବୃନ୍ଦ ଲକ୍ଷ୍ମୀ ମାଝୀ ଓ ଗୋରାଚାନ୍ଦ ମାଝୀ, ଅନ୍ନପୂର୍ଣ୍ଣା ପ୍ରଧାନ ଓ ଭଗବାନ ସାହୁ ଏବଂ ପ୍ରମୋଦିନୀ ବେହେରା ଓ ହଟିଆ ବେହେରା ଧନ୍ୟବାଦ ଜଣାଇଛନ୍ତି।

## ଲିଙ୍ଗାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଜି.ଉଦୟଗିରି,୮।୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ଲିଙ୍ଗାଗଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ ଦିନିଆ ବାର୍ଷିକ କ୍ରୀଡା ଉଦଯାପିତ ହୋଇଛି। ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଭିଭାବକ ସଂଗଠନ ସଭାପତି ମିଥୁନ ପରିଚ୍ଛା ଏବଂ ଆଲୁମିନି ସଭାପତି ସଞ୍ଜୟ କୁମାର ନାୟକ ଏବଂ ଚନ୍ଦ୍ରକାନ୍ତ ଦିଗାଲ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଚିନ୍ମୟୀ ପ୍ରଧାନ ୨ ଦିନିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ କ୍ରୀଡାରେ ଉଭୟ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ପୁରସ୍କାର ବିତରଣ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଶିକ୍ଷକଙ୍କ ମଧ୍ୟରେ ସଶିତ କୁମାର ପ୍ରଧାନ, ରଞ୍ଜନ କୁମାର ଚୌଧୁରୀ, ଅମ୍ରିତା ପ୍ରଧାନ, ହୀରାଲାଲ ସେଠୀ, ରାଜୀବ ଲୋଚନ ଚୌଧୁରୀ, ଅଞ୍ଜଳ ପତି, ପି. ସ୍ମୃତିରେଖା, ସୁଭଦ୍ରାଞ୍ଜଳି ପଣ୍ଡା, ସୁନେଲି ଦିଗାଲ ଓ ମଧୁସ୍ମିତା ପ୍ରିୟଦର୍ଶିନୀ ସହଯୋଗ କରିଥିଲେ।

## ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର



**ବୁଗୁଡ଼ା,୮ ।୧(ସମିସ):** ବୁଗୁଡ଼ା ବ୍ଲକ ମାଣିତରାରେ ମା' ସେନାପତି ଯୁବକ ସଙ୍ଘ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲିକ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଶିବିରରେ ୪୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ମାଣିତରା ଗ୍ରାମର ମା'ସେନାପତି ଯୁବକ ସଙ୍ଘ ସମ୍ପାଦକ ସୁଧାଂଶୁ ଶେଖର ରାଉତ, କୋଷାଧ୍ୟକ୍ଷ ଦୀପକ କୁମାର ଗୌଡ଼, ଆଲୋକ ସାମଲ, ଯୋଗେନ୍ଦ୍ର ଚୌଧୁରୀ, ସୁଧୀର ପ୍ରଧାନ, ନୀଳାଞ୍ଚଳ ସାହୁ, ଲାଲୁ ମୋହନ ବିଶ୍ୱାଳ, ସୁବ୍ରତ ବିଶ୍ୱାଳ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଭଞ୍ଜନଗର ବ୍ଲଡ଼ ବ୍ୟାଙ୍କ ତରଫରୁ ଡ଼ ଦୟାନିଧି ରାଉତ, ଲକ୍ଷ୍ମୀନୃସିଂହ ମାଝୀ, ଅନିଲ ମାହାର, ବିପିନ କୁମାର ପାଣିଗ୍ରାହୀ, ସିମାଞ୍ଚଳ ସେଠୀ ଓ ମାଣିତରା କଲେଜ ରେଡ଼କ୍ରସ ୟୁନିଟର ଓମ ପ୍ରକାଶ ପ୍ରଧାନ, ଦାମିନୀ ନାୟକ, ଦୀପିକା ଗୌଡ଼, ଶିଖା ନାୟକ, ପ୍ରିୟଙ୍କା ରାଉତ, ସ୍ୱପ୍ନା ଗୌଡ଼, ସାନୁ କୁମାର ପ୍ରଧାନ, ସତ୍ୟବାନ ବିଷୋୟୀ, ସୁଧାଂଶୁ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ

**ପାରଳାଖେମୁଣ୍ଡି,୮।୧(ସମିସ)**

ଜିଲ୍ଲାସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଗଜପତି ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଜୟ କୁମାର ଦା. ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାୟକ, ଜିଲ୍ଲା ଶିକ୍ଷାଧିକାରୀ ଡ଼.ମାୟାଧର ସାହୁ, ସହକାରୀ ପ୍ରଫେସର୍ କୃଷି ଆମେରିକାର ରୋସନ କୁମାର ନାୟକ, ପ୍ରବାସୀ ଭାରତୀୟ ସନ୍ତୋଷ କୁମାର ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୋଲେମନ୍ ରାଇକା ଓ ଭଗବତ ପାଢ଼ୀ ମଞ୍ଚାସୀନ ଥିଲେ। ପ୍ରତିବର୍ଷ ଭାରତ ସରକାରଙ୍କ ଦ୍ୱାରା ଜାନୁଆରୀ ୮ ତାରିଖ ଦିନ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ଏହି ଦିନ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ସ୍ୱଦେଶକୁ ଫେରିଥିଲେ । ଏହି ଦିନକୁ ସ୍ମରଣୀୟ କରିବା ପାଇଁ ୨୦୦୩ ମସିହାରୁ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି ।




ଏହି ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବିଶେଷ ସଫଳତା ହାସଲ କରିଥିବା ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ ।

## ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତଳନ ପ୍ରତିଯୋଗିତା ଉଦ୍‌ଘାଟିତ

**ବ୍ରହ୍ମପୁର,୮ ।୧(ସମିସ):** ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଓଡ଼ିଶା ଭାରୋତ୍ତଳନ ସଂଘ ପକ୍ଷରୁ ବୁଧବାର ଖେଲୋ ଇଣ୍ଡିଆ ମହିଳା ଜାତୀୟ ଭାରୋତ୍ତଳନ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଏହି ଅବସରରେ ଭାରତୀୟ ଭାରୋତ୍ତଳନ ସଂଘର ସଭାପତି ସହଦେବ ଯାଦବ, ଉତ୍ତରପ୍ରଦେଶ ସଂଘର ସଭାପତି ସବିନା ଯାଦବ, ଭାରତୀୟ ଭାରୋତ୍ତଳନ ମହାସଂଘର ମହାସଚିବ ଏସ.ଏଚ. ଆନନ୍ଦ ଗୌଡା, ଅତିରିକ୍ତ ଜିଲ୍ଲା ଜଜ୍ ସୁଧାଂଶୁ କୁମାର ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ, ଓଡିଶା ଭାରୋତ୍ତଳନ ସଂଘର ସଭାପତି ଚିତ୍ତରଂଜନ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁବାର ଠାରୁ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ବିଭିନ୍ନ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ଦେଶର ୨୬ଟି ରାଜ୍ୟରୁ ୪୦୦ରୁ ଉର୍ଦ୍ଧ୍ୱ ଯୁବ, କନିଷ୍ଠ ଓ ବରିଷ୍ଠ ବିଭାଗର ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ ଓଡ଼ିଶାର ୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଥିବାବେଳେ ସେମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ପଦକ ବିଜେତା ଜ୍ୟୋସ୍ନା ଶବର, ମୀନା ସାନ୍ତା, ସ୍ନେହା ସୋରେନ୍ ଓ ଶୁଭସ୍ମିତା ମହାନ୍ତି ପ୍ରମୁଖ ଅନ୍ତର୍ଭୁକ୍ତ। ଚଳିତ ମାସ ୧୪ତାରିଖରେ ପ୍ରତିଯୋଗିତା ଉଦଯାପିତ ହେବ।



● କୁହୁଡ଼ି ସାଜିଛି କାଳ

# ଗୋଟିଏ ଦିନରେ ୨ ଦୁର୍ଘଟଣା; ୨ ଗୁରୁତର





ଫିରିଙ୍ଗିଆ, ୮।୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ଗାମ୍ବେରିଗୁଡା ଓ କୁଡୁକି ଘାଟିରେ ଗୋଟିଏ ରାତିରେ ୨ଦୁର୍ଘଟଣା ଘଟିଛି। ବର୍ତ୍ତମାନ ପ୍ରବଳ କୁହିଡି ଯୋଗୁଁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ସୂଚନା ଅନୁସାରେ ବିଳମ୍ବିତ ରାତିରେ ଫିରିଙ୍ଗିଆ ପଟୁ ଫୁଲବାଣୀ ଅଭିମୁଖେ ଯାଉଥିବା ଏକ ଧଳା ରଙ୍ଗର ମାରୁତି ସିଆଜ କାର ଗାମ୍ବେରି ଗୁଡା ନିକଟରେ ଗଛରେ ଧକ୍କା ହେବାରୁ ୨ ଜଣ ଗୁରୁତର ଆହତ ହୋଇଥିଲେ। ଗାଡି ଦ୍ରୁତ ଗତିରେ ଥିବାରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି ଓ ଗାଡିର ଆଗ ଓ ପଛ ପଟ ନମ୍ବର ପ୍ଲେଟ ନଥିବାରୁ ଗାଡି ମଲିକର ପ୍ରକୃତ ପରିଚୟ ଜଣା ପଡ଼ିନାହିଁ। ସେହିଭଳି ସେହି ଗାମ୍ବେରିଗୁଡା ନିକଟ କୁଡୁକି ଘାଟିରେ ଏକ କୋଇଲା ବୋଝେଇ ଟ୍ରକ ତାଲଚେରରୁ କୋଇଲା ନେଇ ଅନ୍ୟ ଜାଗାରେ ଗାଡି ଖାଲି କରି ଫେରୁଥିବା ବେଳେ କୁଡୁକି ଘାଟିରେ କୁହୁଡି ଯୋଗୁଁ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଥିଲା। ଏଥିରେ କାହାର କିଛି କ୍ଷତି ହୋଇନାହିଁ। ଅନ୍ୟ ପଟେ ଘଟଣା ସ୍ଥଳରେ ଫିରିଙ୍ଗିଆ ପୁଲିସ ପହଞ୍ଚି କାରକୁ ଜବତ କରିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ କାର ଗାଡିର ନମ୍ବର ନଥିବାରୁ ମାଲିକର କୌଣସି ସୂଚନା ମିଳିପାରିନାହିଁ।

## ଦକ୍ଷିଣାଞ୍ଚଳ ଆଇଜିଙ୍କ ଗଜପତି ଗସ୍ତ

# ଅଫିସର୍ସ କ୍ୱାର୍ଟର୍ସ, ଆର୍ମରୀ ଉଦ୍‌ଘାଟିତ

ପାରଳାଖେମୁଣ୍ଡି/ଗୋଷାଣି, ୮ ।୧(ସମିସ)

ଦକ୍ଷିଣାଞ୍ଚଳ ଆଇଜି ସାର୍ଥକ ଷଡ଼ଙ୍ଗୀ ବୁଧବାର ଦିନିକିଆ ଗଜପତି ଗସ୍ତରେ ଆସିଥଲେ। ମଧ୍ୟାହ୍ନରେ ଆଇଜି ଶ୍ରୀ ଷଡ଼ଙ୍ଗୀ ପ୍ରଥମେ ପାରଳାଖେମୁଣ୍ଡିରେ ପହଞ୍ଚି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ରେକର୍ଡ ରୁମ୍ ଏବଂ ରିଜର୍ଭ ପୁଲିସ କାର୍ଯ୍ୟାଳୟ ପରିସରରେ ଆର୍ମରୀ ରୁମ୍ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଅପରାଧ ଓ ବିଭିନ୍ନ ବିଷୟକୁ ନେଇ ସମୀକ୍ଷା ବୈଠକ କରିଥିଲେ। ଏହାପରେ ଗୁରାଣ୍ଡି ଗ୍ରାମ ଗସ୍ତକରି ଥାନା ପରିସରରେ ନୂତନ ଭାବେ ଅଫିସରଙ୍କ ରହଣି ଲାଗି ନିର୍ମାଣ ହୋଇଥିବା କ୍ୱାର୍ଟର୍ସ ଉଦଘାଟନ କରିଥିଲେ। ଏଥି ସହ ଗୁରାଣ୍ଡି ଥାନା ପରିଦର୍ଶନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପାରଳାଖେମୁଣ୍ଡି ଥାନାକୁ ଆଦର୍ଶ ଥାନା ହୋଇଛି। ଯେତେବେଳେ ଆଦର୍ଶ ଥାନା ପାଇଁ ନିର୍ଦ୍ଦେଶ ଆସିବ ପରବର୍ତ୍ତି ପର୍ଯ୍ୟାୟରେ ଗୁରାଣ୍ଡି ଥାନାକୁ ଆଦର୍ଶ ଥାନା ଭାବେ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ। ଏହାପରେ ରା.ଉଦୟଗିରିରେ ପୁଲିସ କ୍ୱାର୍ଟର୍ସକୁ ଉଦଘାଟନ କରିଥିଲେ। ଆଇଜି ଶ୍ରୀ ଷଡ଼ଙ୍ଗୀଙ୍କ ଏହି ଗସ୍ତ ସମୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କୁମାର ମହାନ୍ତି, ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତଥିଲେ। ସେହିପରି ଗୁରାଣ୍ଡରେ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଏସ୍‌ଆଇ ବଳରାମ ବେହେରା, ଏଏସ୍‌ଆଇ ସୁନନ୍ଦା ପାତ୍ର, ସୁନୀଲ ଦଳେଇ ଓ ଗୁରାଣ୍ଡି ସରପଞ୍ଚ ଶ୍ଲୀପା ପାତ୍ର ଉପସ୍ଥିତ ଥିଲେ।



● ଗୁରାଣ୍ଡି ଥାନା ହେବ ଆଦର୍ଶ ଥାନା: ସାର୍ଥକ ଷଡ଼ଙ୍ଗୀ

## ସଡ଼କ ସୁରକ୍ଷା ସଚେତନତା




ପାରଳାଖେମୁଣ୍ଡି, ୮।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଗ୍ରାମସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ହାଇସ୍କୁଲ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସଡ଼କ ସୁରକ୍ଷାର ସଚେତନତା ବାର୍ତ୍ତାର ନାରା ଦେଇ ଗୁରାଣ୍ଡି ଗ୍ରାମର ସମସ୍ତ ଛକ ଓ ସାହି ପରିକ୍ରମା କରାଯାଇ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଏନସିସି ଛାତ୍ର ସାମିଲ ହୋଇଥିଲେ। ପ୍ରଧାନଶିକ୍ଷକ ଶ୍ରୀହର୍ଷ ବାବୁ ଖାଡ଼ଙ୍ଗା, ଏନ୍‌ସିସି ଅଧିକାରୀ ଏସ୍. ମନ୍ମଧ ରାଓ, ଶିକ୍ଷୟିତ୍ରୀ ଚପଳା କୁମାରୀ ଜେନା ଓ ସସ୍ମିତା ଦଳାଇଙ୍କ ସହ ସମସ୍ତ ଶିକ୍ଷକ ଯୋଗ ଦେଇଥିଲେ।

## ବିଏସ୍‌ଏ କଲେଜ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା




ନୂଆଗଡ଼, ୮।୧(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଖଜୁରୀପଦା ବାବା ସାହେବ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଜୁରୀପଦା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଜାଗାରାଙ୍ଗା, ସମ୍ମାନିତ ଅତିଥି ଭାବେ ୟୁଥ ରେଡ଼କ୍ରସ କାଉନସିଲର ସୁଧାକର ଚୌଧୁରୀ ଓ ଅଧ୍ୟକ୍ଷ ପ୍ରେମଚନ୍ଦ୍ର ସିଂ ଯୋଗଦାନ କରି ପ୍ରଥମେ ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ। ଏଥିସହ ଅଧ୍ୟକ୍ଷ, କଲେଜ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ପୁଲିସ ଶୋଭାଯାତ୍ରରେ ବାହାରି ହାତରେ ଫ୍ଲାକ କାର୍ଡ ଏବଂ ସ୍ଲୋଗାନ ଦେଇ ସାପ୍ତାହିକ ହାଟ, ଖଜୁରୀ ପଦା ବଜାର ପରିକ୍ରମା କରି ଲୋକଙ୍କୁ ସଚେତନ କରିବା ସହ ବିନା ହେଲମେଟ ପିନ୍ଧି ବାଇକ୍ ଯୋଗେ ଆସୁଥିବା ଲୋକଙ୍କୁ ପୁଲିସ କର୍ମଚାରୀ ଗୋଲାପ ଫୁଲ ଦେଇ ସଚେତନ କରାଇଥିଲେ।

## ପ୍ରବାସୀଙ୍କୁ ସ୍ୱାଗତକଲେ କଲେଜ ଛାତ୍ରଛାତ୍ରୀ

ରାଇକିଆ, ୮।୧(ସମିସ): ପ୍ରବାସୀ ଭାରତୀୟ ଦିବସ ଅବସରରେ ଭୁବନେଶ୍ୱର ରେ ବୁଧବାରରୁ ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ ଅନୁଷ୍ଠିତ ହେଉଛି। ଏଥି ପାଇଁ ସାରା ବିଶ୍ୱର କୋଣ ଅନୁକୋଣରୁ ପ୍ରବାସୀ ଭାରତୀୟ ଆସୁଛନ୍ତି। ସେମାନଙ୍କୁ 'ଅତିଥି ଦେବୋ ଭବୋ' ସଂସ୍କୃତି ଆଧାରରେ ସ୍ୱାଗତ କରିବା ପାଇଁ ରାଇକିଆ ଜୀବନ ଜ୍ୟୋତି କଲେଜ ଛାତ୍ରଛାତ୍ରୀ ଏକ ଶୋଭାଯାତ୍ରାରେ ସ୍ୱାଗତ ଓ ଶୁଭେଚ୍ଛାର ବାର୍ତ୍ତା ନେଇ ସହର ପରିକ୍ରମା କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଭାକର ରାଜୁ ଏବଂ ବରିଷ୍ଠ ପ୍ରଫେସର୍ ଉମାକାନ୍ତ ରଥଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଓ କର୍ମଚାରୀ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ୍ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା।



## ଲିଙ୍ଗାଗଡ଼ରେ ଧାନମଣ୍ଡି ଉଦ୍‌ଘାଟିତ



ଜି.ଉଦୟଗିରି, ୮।୧(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ ଲିଙ୍ଗାଗଡ଼ ଲ୍ୟାମ୍ପ ସୋସାଇଟିରେ ବୁଧବାର ଧାନମଣ୍ଡି ଉଦଘାଟିତ ହୋଇଛି। ଏହାକୁ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ତଥା ସାସଦ ପ୍ରତିନିଧି (କୃଷକ) ଅବନେଶ୍ୱର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟିତ କରିଥିଲେ। ବହୁ ଦିନରୁ ଏହା ଖୋଲିବାକୁ ଚାଷୀ ଅପେକ୍ଷା କରି ବସିଥିବା ବେଳେ ଆଜି ତାହା ସଫଳ ହୋଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଏସି ମୋର୍ଚ୍ଚା କୋଡିନେଟର ବସନ୍ତ ପ୍ରଧାନ, ଲ୍ୟାମ୍ପସ ନିର୍ଦ୍ଦେଶକ ବକ୍ସି ପ୍ରଧାନ, କସ୍ତୁରୀ ପ୍ରଧାନ, ଚାଷୀ ପ୍ରତିନିଧି ଲକ୍ଷ୍ମଣ ପ୍ରଧାନ ଓ ସୁନା ପାଣି ପ୍ରଧାନ ଯୋଗ ଦେଇଥିବା ବେଳେ ଆରଏମସି ତରଫରୁ ଭାରତୀ ଚୌଧୁରୀ ଓ ଏମଡି ଦଧିବାମନ ବେହେରା ଉପସ୍ଥିତ ଥିଲେ। ଚଳିତ ବର୍ଷ ଜି. ଉଦୟଗିରି ବ୍ଲକରେ ସ୍ୱଳ୍ପ ବର୍ଷା କାରଣରୁ ୨୦ ପ୍ରତିଶତ ଜମିରେ ଚାଷ ସମ୍ଭବ ହୋଇଥିବା ବେଳେ ଅଦିନିଆ ବର୍ଷା ପୁଣି ଥରେ ଦାଉ ସାଜିଥିଲା। ଫଳରେ ଚାଷୀ ମୁଣ୍ଡରେ ହାତ ବସିଥିବା ବେଳେ ଏବେ ଲ୍ୟାମ୍ପ ଜରିଆରେ ସଠିକ୍ ମୂଲ୍ୟ ଧାନ ବିକ୍ରି କରି ଦୁଇ ପଇସା ପାଇବାକୁ ଆଶା ରଖିଛନ୍ତି।

## ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି କାର୍ଯ୍ୟ ତଦାରଖକଲେ ବିଧାୟକ



ମୋହନା, ୮।୧(ସମିସ): ଆସନ୍ତା ଫେବୃଆରୀ ମାସ ୨ ତାରିଖରୁ ଆରମ୍ଭ ହେବାକୁ ଥିବା ମୋହନାସ୍ଥିତ ଶ୍ରୀ ହନୁମାନ ମନ୍ଦିର ଏବଂ ବିଗ୍ରହ ପ୍ରାଣ ପ୍ରତିଷ୍ଠା ପ୍ରସ୍ତୁତି କାର୍ଯ୍ୟକ୍ରମ ର ତଦାରଖ କରିଛନ୍ତି ମୋହନା ବିଧାୟକ ଦାଶରଥୀ ଗମାଙ୍ଗ। ସ୍ଥାନୀୟ ବ୍ଲକର ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ବିଧାୟକ। ଏହାସହ ମନ୍ଦିର ପ୍ରତିଷ୍ଠା ପରିଚାଳନା କମିଟି ସହ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ବିଧାୟକଙ୍କ ଗସ୍ତ ସମୟରେ ପରିଚାଳନା କମିଟି ସଭାପତି ଅଜିତ କୁମାର ପାତ୍ର, ସମ୍ପାଦକ କାଳୁଚରଣ ସାହୁ ଓ ସଦସ୍ୟ ସତ୍ୟଜିତ ବିଷୋୟୀଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ



ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୮।୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ବୁଧବାର ଉଦଘାଟିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃପାସିନ୍ଧୁ ସିଂ କ୍ରୀଡ଼ା ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ରଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବ୍ରାହ୍ମଣୀଗାଁ, ଦାରିଙ୍ଗବାଡି ବି.ଆର.ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସହିତ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଯୋଗ ଦେଇଥିଲେ। ବ୍ରାହ୍ମଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ରନାଥ ହୋତାଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଞ୍ଚଳରୁ ଆସିଥିବା ସମସ୍ତ କ୍ରୀଡ଼ା ଶିକ୍ଷକ ବାର୍ଷିକ କ୍ରୀଡ଼ାରେ ସହଯୋଗ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ୧୧ ତାରିଖ ଦିନ ପର୍ଯ୍ୟନ୍ତ ହେବ ବୋଲି କୁହାଯାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ



ପାରଳାଖେମୁଣ୍ଡ, ୮।୧(ସମିସ): ପାରଳାଖେମୁଣ୍ଡି ସ୍ଥିତରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଗଜପତି ଜିଲ୍ଲା ଶାଖା।। ୮୦ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏଥିରେ ଗୁରୁଗୌରବ ଗୌରଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଓଷ୍ଟାର ଜିଲ୍ଲା ସଭାପତି ବି.ତିରୁମଲାରାଓ ପଟ୍ଟନାୟକ, ସମ୍ପାଦକ ପ୍ରଫୁଲ କୁମାର ମହାନ୍ତି, ଏପିଟିଏର ଜିଲ୍ଲା ସମ୍ପାଦକ ମନୋଜ କୁମାର ଗନ୍ତାୟତ, ଏକ୍ସକ୍ୟାଡର୍ ୟୁନିୟନର ସଭାପତି ଅମୂଲ୍ୟ କୁମାର ପାତ୍ର, ମୋହନା ବ୍ଲକ ଏବିଇଓ ସୋମେଶ୍ୱର ରାଓ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଏସ୍. ଡିଲେଶ୍ୱର ରାଓ ଓ ସୁଖଦେବ ବଡମୁଣ୍ଡି ଯୋଗ ଦେଇ ସଂଘର ଆଭିମୁଖ୍ୟ ଓ କାର୍ଯ୍ୟପନ୍ଥା ଯୋଗୁଁ ଆଜି ରାଜ୍ୟରେ ଏକ ପ୍ରମୁଖ ସଂଘ ଭାବେ ଗଢି ଉଠିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ରହିଥିବା ବହୁ ସଂଖ୍ୟକ କର୍ମକର୍ତ୍ତାମାନେ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ କୁମାର ପାଣିଗ୍ରାହୀ, ପ୍ରେମାନନ୍ଦ ପଟ୍ଟନାୟକ, ବିଭୂତି ଭୂଷଣ ବିଶୋଇ, ସଙ୍ଗୀତା ପାତ୍ର, ସବିତା ପାତ୍ର, କୈଳାସ ସାହାଣୀ ଓ ନିରାକର ଗୌଡ ଉପସ୍ଥିତ ଥିଲେ।

## ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ଟିକାବାଲି, ୮।୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ସ୍ଥିତ ଏଏମସିଏସ ମହାବିଦ୍ୟାଳୟର ୩୭ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି। କ୍ରୀଡ଼ା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରି କ୍ରୀଡାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ଦାଶ, ଯୁବନେତା ଚନ୍ଦନ ପଣ୍ଡା ଓ ଟିକାବାଲି ବିଧାୟକ ପ୍ରତିନିଧି ସାରଙ୍ଗଧର କହଁର ଯୋଗ ଦେଇଥିଲେ। କ୍ରୀଡ଼ା ଉପ ସଭାପତି ଅଧ୍ୟାପକ ନରେନ୍ଦ୍ର ଦିଗାଲ, ରତନ ଦିଗାଲ ଓ ଶଙ୍କର ପାଢ଼ୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ, ଅଧ୍ୟାପକ ବିରୂପାକ୍ଷ ତ୍ରିପାଠୀ ଓ ଅଧ୍ୟାପକ ବନମାଳି ବେହେରା ମଞ୍ଚାସୀନ ଥିଲେ। ଖେଳ ଶିକ୍ଷକ ସୁଶାନ୍ତ କୁମାର ଭୋଳ ଖେଳ ପରିଚାଳନା କରିଥିଲେ। କଲେଜ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ କ୍ରୀଡାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ରାମବିଶ ଦିଗାଳ ଓ ସାଂସଦ ପ୍ରତିନିଧି ଜିତେନ୍ଦ୍ର ଡାକୁଆ ଯୋଗ ଦେଇଥିଲେ।

## କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ରର ଅଭାବନୀୟ ସ୍ଥିତି

# ସୁରକ୍ଷା କର୍ମୀ କରୁଛନ୍ତି ରୋଗୀ ଚିକିତ୍ସା

କାଶୀନଗର, ୮।୧(ସମିସ)

ଗଜପତି ଜିଲ୍ଲା କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥାରେ ରୋଗୀ ଚିକିତ୍ସା ଚାଲିଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଏବେ ସାମ୍ନାକୁ ଆସିଛି ଅନ୍ୟ ଧାରଣରେ ହେଉଥିବା ଚିକିତ୍ସା। ବହୁ ମାସ ହେଲା ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଚିକିତ୍ସାରେ ଅବହେଳା ଓ ରୋଗୀଙ୍କୁ ଦୁର୍ବ୍ୟବହାର ହେଉଥିବା ଅଭିଯୋଗ ହେଉଥିବା ବେଳେ ଅଚାନକ ଜିଲ୍ଲାପାଳ ବିଜୟ କୁମାର ଦାସ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ତଦାରଖ କରିଥିଲେ। ଏଠାରେ ଜଣେ ସୁରକ୍ଷା କର୍ମୀ ଦୀର୍ଘ ଦିନ ଧରି ଡ୍ୟୁଟି କରୁଥିବା ବେଳେ କେବେ ବି ନିଜ ୟୁନିଫର୍ମ ପରିଧାନ କରୁ ନ ଥିବା, ସ୍ୱାସ୍ଥ୍ୟକେନ୍ଦ୍ର ଅପେକ୍ଷା ଡାକ୍ତରଙ୍କ ଘରୋଇ କାମ କରିବା ଭଳି ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ହୋଇଥିଲା। ଏନେଇ ଜିଲ୍ଲାପାଳ ସମ୍ପୃକ୍ତ ସୁରକ୍ଷାକର୍ମୀଙ୍କୁ ପଚାରିଥିଲେ। ଉକ୍ତ କର୍ମଚାରୀ ଜଣକ କୌଣସି ଉତ୍ତର ଦେଇ ପାରି ନଥିଲେ। ବର୍ତ୍ତମାନ ସମ୍ପୃକ୍ତ ସୁରକ୍ଷା କର୍ମୀ ଜଣକ ରୋଗୀ ଚିକିତ୍ସା କରିଥିବା ଚିତ୍ର ସାମ୍ନାକୁ ଆସିଛି। ବିନା ତାଲିମରେ ସେ କିପରି ରୋଗୀଙ୍କ ଚିକିତ୍ସା କରିଛନ୍ତି ବୋଲି ପ୍ରଶ୍ନ ଉଠିଛି।



ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଷ୍ଟାଫ ନର୍ସ କିମ୍ବା ସୁରକ୍ଷା କର୍ମୀ କେବେ ବି ନିଜ ୟୁନିଫର୍ମ ପରିଧାନ କରୁନଥିବା ବେଳେ ଚିକିତ୍ସା ପାଇଁ ଆସୁଥିବା ରୋଗୀ କିମ୍ବା ରୋଗୀଙ୍କ ପରିବାର ପଚାରିଲେ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ମିଥ୍ୟା ଅଭିଯୋଗ କରିବେ ବୋଲି ଧମକ ଦେଉଥିବା ନେଇ ଅଭିଯୋଗ ହେଇଛି।

ସେହିପରି ସୁରକ୍ଷାକର୍ମୀ ରୋଗୀଙ୍କ ନାମ ରେଜିଷ୍ଟର କରିବା, ରକ୍ତଚାପ ମାପିବା ଓ ଔଷଧ ବଣ୍ଟନ କରିବା ଭଳି କାର୍ଯ୍ୟ କରୁଥିବା ବେଳେ ନିଜ ଚାକିରିର ଯାହା ଦାୟିତ୍ୱ ଅଛି ତାହା କରୁ ନ ଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜଙ୍କ ଅବହେଳା ଯୋଗୁଁ ଏହିପରି ଅବ୍ୟବସ୍ଥା ଚିକିତ୍ସା ଚାଲିଥିବା ମଧ୍ୟ ଅଭିଯୋଗ ହେଉଛି। ଉକ୍ତ ଘଟଣା ନେଇ ଇନଚାର୍ଜଙ୍କୁ ଫୋନରେ ଯୋଗାଯୋଗ ବେଳେ କୌଣସି ଉତ୍ତର ମିଳି ନ ଥିଲା। ଏଭଳି ସ୍ଥିତିରେ ସମ୍ପୃକ୍ତ ସୁରକ୍ଷା କର୍ମୀଙ୍କୁ ନିଯୁକ୍ତି ଦେଇଥିବା ସଂସ୍ଥାର ଅଧିକାରୀ ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ରକୁ ତଦାରଖ ପାଇଁ ଆସିଥିଲେ। ଏହି ସମୟରେ ମଧ୍ୟ ସୁରକ୍ଷା କର୍ମୀ ଜଣକ ୟୁନିଫର୍ମ ପରିଧାନ କରି ନଥିବା ଦେଖିବାକୁ ପାଇଥିଲେ। ଏସମ୍ପର୍କରେ ସେମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଛନ୍ତି।

## ଶୀତ ମହୋତ୍ସବ ଆୟୋଜନର ତଦାରଖ କଲେ ବିଡିଓ

ଦାରିଙ୍ଗବାଡ଼ି, ୮।୧(ସମିସ): ଚଳିତ ମାସ ୧୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ଆୟୋଜିତ ହେଉଛି। ଏଥିରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ନିମନ୍ତ୍ରଣ ମଧ୍ୟ କରାଯାଇଛି। ଏହି ପ୍ରରିପ୍ରେକ୍ଷୀରେ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ବିଡ଼ିଓ ପ୍ରୀତିରଞ୍ଜନ ବୁଧବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ତଦାରଖ କରିଛନ୍ତି। ଏହି ଅବସରରେ ବ୍ଲକର ଅନ୍ୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିଦିନ ବିଡ଼ିଓ ଓ ଅନ୍ୟମାନେ ଶୀତ ମହୋତ୍ସବ ସ୍ଥଳରେ ପହଞ୍ଚି ସମସ୍ତ କାର୍ଯ୍ୟର ତଦାରଖ କରୁଛନ୍ତି। ଗତବର୍ଷ ତୁଳନାରେ ଚଳିତ ବର୍ଷକୁ ଅଧିକ ଆକର୍ଷଣୀୟ ଓ ଭବ୍ୟ କରାଯାଉଥିବା ବିଡିଓ ପ୍ରକାଶ କରିଛନ୍ତି। ବିଡ଼ିଓଙ୍କୁ ଏହି କାର୍ଯ୍ୟରେ ଦାରିଙ୍ଗବାଡ଼ିର ବିଭିନ୍ନ ସଂଘ ସହଯୋଗ କରୁଥିବା ଜଣାପଡ଼ିଛି।

## ମୋହନା ବ୍ଲକ ପୁନର୍ଗଠନ ଦାବି କଲା ଉନ୍ନୟନ ପରିଷଦ

ମୋହନା, ୮।୧(ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକକୁ ପୁନର୍ଗଠନ କରି ୩ ବ୍ଲକ କରିବାକୁ ଦାବି କରିଛି ମୋହନା ଉନ୍ନୟନ ପରିଷଦ। କିଛି ଦିନ ପୂର୍ବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ବ୍ଲକ ପୁନର୍ଗଠନ ନେଇ ମତ ଦେଇଥିଲେ। ସେଥିମଧ୍ୟରୁ ମୋହନା ବ୍ଲକକୁ ମଧ୍ୟ ବିଭାଜନ କରିବାକୁ ସରକାର ବିଚାର କରୁଥିବା ନେଇ ରାଜସ୍ୱ ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଛି ମୋହନା ଉନ୍ନୟନ ପରିଷଦ। ୧୯୮୪ ମସିହାର ରାଜ୍ୟରେ ବ୍ଲକ ପୁନର୍ଗଠନ କରାଯାଇ ୩୦୪ ବ୍ଲକରୁ ୩୧୪କୁ ବୃଦ୍ଧି କରଯାଇଥିଲା। ସେହି ସମୟରେ ମୋହନା ବ୍ଲକକୁ ବିଭାଜନ କରି ନୂତନ ବ୍ଲକ ଗଠନ ପାଇଁ ସରକାରଙ୍କ ପ୍ରସ୍ତାବ ରହିଥିଲା। ବର୍ତ୍ତମାନ ମୋହନା ବ୍ଲକ ରାଜ୍ୟର ଦ୍ୱିତୀୟ ବୃହତ୍ତମ ବ୍ଲକ। ଏହି ବ୍ଲକରେ ୩୯ ପଞ୍ଚାୟତ ଥିବାବେଳେ ୩ ଜିଲ୍ଲା ପରିଷଦ ଜୋନ ରହିଛି। ଜିଲ୍ଲା ସଦର ମହକୁମା ଠାରୁ ମୋହନା ବ୍ଲକର ଦୂରତା ୧୦୦ କିଲୋମିଟର୍ ଥିବାବେଳେ ଅନେକ ପଞ୍ଚାୟତ ଦେଢ଼ ଶହ କିଲୋମିଟର୍ ରୁ ଅଧିକ ଦୂରରେ ରହିଛି। ୩୯ ପଞ୍ଚାୟତ ମଧ୍ୟରୁ ମୋହନା ଜୋନରେ ୧୧ ପଞ୍ଚାୟତ, ଅଡବା ଜୋନରେ ୧୫ ପଞ୍ଚାୟତ ଥିଲାବେଳେ ଚନ୍ଦ୍ରଗିରି ଜୋନରେ ୧୩ ପଞ୍ଚାୟତ ରହିଛି। ବ୍ଲକର ପରିସୀମା, ଆୟତନ ଓ ଜନସଂଖ୍ୟାକୁ ଦେଖିଲେ ଏହି ବ୍ଲକକୁ ବିଭାଜନ କରାଯାଇ ଚନ୍ଦ୍ରଗିରି, ମୋହନା ଓ ଅଡବା ଆଦି ୩ ବ୍ଲକ ଗଠନ କରିବାକୁ ଦାବି କରିଛି ମୋହନା ଉନ୍ନୟନ ପରିଷଦ। ଏଥିସହ ମୋହନା ବ୍ଲକକୁ ଲାଗି ରାୟଗଡ଼ା, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ରହିଛି। ତେଣୁ ମୋହନାକୁ ଏନଏସି ମାନ୍ୟତା ଦେବାକୁ ମଧ୍ୟ ଦାବି କରିଛି ମୋହନା ଉନ୍ନୟନ ପରିଷଦ। ସରକାର ତୁରନ୍ତ ମୋହନା ବ୍ଲକ ବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଗୁରୁତର ସହ ବିଚାର କରି ତୁରନ୍ତ ବ୍ଲକ ପୁନର୍ଗଠନ ସହ ଏନଏସି ମାନ୍ୟତା ପ୍ରଦାନ ପାଇଁ ମୋହନା ଉନ୍ନୟନ ପରିଷଦ ସଭାପତି ମଧୁସୁଦନ ପାଢ଼ୀ ଓ ସମସ୍ତ ସଦସ୍ୟ ଦାବି କରିଛନ୍ତି।

